● ପ୍ରେମ ବିବାହର ୨ ବର୍ଷ ପରେ ମହିଳାଙ୍କ ଆତ୍ମହତ୍ୟା

## ସ୍ୱାମୀ, ଶାଶୂ, ଶଶୁର ଗିରଫ

ନନ୍ଦପୁର,୨୫।୧(ସମିସ): ପ୍ରେମ ବିବାହର ଦୁଇ ବର୍ଷ ପରେ ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ସ୍ୱାମୀ, ଶାଶୂ, ଶଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପାଡୁଆ ପୋଲିସ। ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆ ଥାନା ବାଡେଲ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁସାରେ, ନନ୍ଦପୁର ସଦରମହାକୁମାର ବାହିରିପଡା ଗ୍ରାମ ସୁବାସ ମାଛଙ୍କ କନ୍ୟା ଅନ୍ୱେଷା ମାଛ ଗତ ଦୁଇ ବର୍ଷ ତଳେ ବାଡେଲ ଗ୍ରାମର ଆଶିଷ ନାମକ ପୁଅ ସହ ପ୍ରେମ ବିବାହ କରିଥିଲେ। ତେବେ ଗତ ବୁଧବାର ଦିନ ଏକ ଘଣ୍ଟା ସମୟରେ ଘରେ କିଏ ନଥିବା ସମୟରେ ବେକରେ ଦଉଡ଼ି ଦେଇ ଫାଶୀ ହୋଇ ଆତ୍ମହତ୍ୟା କରିଥିଲେ। ଗତ ଦୁଇ ଦିନ ଧରି ପାଡୁଆ ପୋଲିସର ତଦନ୍ତ ପରେ ସ୍ୱାମୀ, ଶାଶୂ ଓ ଶଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ।

## ଶିଶୁ ମନ୍ଦିରରେ ପୂର୍ବଛାତ୍ର ସମ୍ମିଳନୀ

କୋରାପୁଟ,୨୫।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୋରାପୁଟରେ ପୂର୍ବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡିଶାର ସଂଗଠନ ମନ୍ତ୍ରୀ ତାରକା ଦାଶ ସରକାର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଦକ୍ଷିଣ ସମ୍ଭାଗ ସଂଯୋଜକ ସୁକାନ୍ତ କୁମାର ବେହେରା ଉପସ୍ଥିତ ରହି ବିଦ୍ୟାଳୟ ଉନ୍ନତିରେ ପୂର୍ବଛାତ୍ର ମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ସମ୍ପାଦକ ବିଭୂଦତ୍ତ ମହାପାତ୍ର, ଯୁଗ୍ମସଂପାଦିକା ଶଲ ସସ୍ମିତା ବେହେରା, କୋଷାଧକ୍ଷ ଏନ.ରମେଶ ଓ ସଦସ୍ୟ ପ୍ରହ୍ଲାଦ ସାହୁ ଉପସ୍ଥିତ ଥିଲେ।

ବଣ୍ଡା ଘାଟିରେ ଆବାସ ଦୁର୍ନୀତି

# ଅଧପନ୍ତରିଆ କରି ହିତାଧିକାରୀଙ୍କ ଅର୍ଥ ହଡ଼ପ ଅଭିଯୋଗ

ମାଲକାନଗିରି,୨୫।୧(ସମିସ): ବଣ୍ଡା ଘାଟିରେ ଆବାସ ଗୃହ ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଯାହା ଏବେ ପ୍ରଶାସନର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ବର୍ଷ ପରେ ବର୍ଷ ବିତୁଥିଲେ ମଧ୍ୟ ଆଦିମ ଜନଜାତିଙ୍କ ଆବାସ ଗୃହ ନିର୍ମାଣ ସରୁନି। ଅନେକ ହିତାଧିକାରୀଙ୍କ ଆବାସ ଗୃହକୁ ଅଧପନ୍ତରିଆ କରି ଅର୍ଥ ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟରେ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡା ଘାଟିରେ ଆବାସ କରିପାରୁ ନଥିବା ହିତାଧିକାରୀଙ୍କ ଗୃହ ନିର୍ମାଣ କାମ ଠିକାଦାରଙ୍କୁ ଟେକିଦେଇ ଚିନ୍ତାରେ ପଡିଛି ପ୍ରଶାସନ। ବଣ୍ଡାଘାଟି କଥା କହିଲେ ସାଧାରଣତଃ ଆଦିମ ଜନଜାତିଙ୍କ ଜନବସତିର ଚିତ୍ର ସାମ୍ନା କୁ ଆସେ। ଏହି ପାହାଡି ମଣିଷଙ୍କ ବର୍ଷ ବର୍ଷ ଧରି ଦଦରା ମାଟି କୁଡିଆରେ ଦୁର୍ଦିନରେ ଜୀବନ ବିତୁଥିବା ବେଳେ ଏମାନଙ୍କ ପାଇଁ ବର୍ତ୍ତମାନର ସରକାର ଆବାସ ଯୋଜନାରେ ଗୃହ ଯୋଗାଇବା ପାଇଁ ନୂତନ ନିୟମ ପ୍ରଣୟନ ସହ ଅଧିକ ଅର୍ଥ ରାଶିର ଘୋଷଣା କରିଥିଲେ। କିନ୍ତୁ ବଣ୍ଡା ପାହାଡ ଅବାସ ଯୋଜନା ଏବେ ବାଟ ହୁଡ଼ିଛି ଭଳି ମନେ ହେଉଛି। ଘାଟି ମଣିଷଙ୍କ ପାଇଁ ଆସିଥିବା ଆବାସ ଗୃହ ଏବେ ଅଧାପନ୍ତରିଆ। ହିତାଧିକାରୀଙ୍କୁ ଭୁଡାଇ କେହି ସବୁ ଅର୍ଥ ନେଇଯାଇଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଆସିଛି ବଣ୍ଡାଘାଟିର ଡୁସେଇପଡା ଗାଁରୁ। ଏଠି ସବୁ ଘର କାର୍ଯ୍ୟ ଅଧାପନ୍ତରିଆ। କୋଉଁଠି



ସାମାନ୍ୟ ଫାଉଣ୍ଡେସନ କରି ଅର୍ଥ ଲୁଟ ଅଭିଯୋଗ ହୋଇଛି ତ ଆଉ କୋଉଁଠି ପ୍ଲିନ୍ଥ ଲେବୁଲ କରି ଅର୍ଥ ହଡପ କରିଛି ଠିକାଦାର ବୋଲି ଅଭିଯୋଗ ଆସିଛି। ଅନେକ ଦିନ ବିତିବା ପରେ ବି ଏହାର ସମାଧାନ ହୋଇଥିବା ଅଭିଯୋଗ କରିଛନ୍ତି ଲୋକେ। କିନ୍ତୁ ତଥ୍ୟ କହୁଛି, ସମୁଦାୟ ଖଇରପୁଟ ବ୍ଲକରେ ୧୦ ଟି ପଞ୍ଚାୟତରେ ପିଏମ ଧନମନ ଯୋଜନାରେ ଅନୁମୋଦନ ୨୦୯୯ ଘର ମଧ୍ୟରୁ ୪୩୮ ଘର ନିର୍ମାଣ ସରିଛି। ସେଥିମଧ୍ୟରୁ ମୁଦୁଲିପଡାରେ ୫୮୨ ମଧ୍ୟରୁ ୫୯ଟି ଘର, ଏବଂ ଅଣ୍ଡାହଲରେ ୫୬୭ ମଧ୍ୟରୁ ୮୦ ଟି ଘର ନିର୍ମାଣ ଶେଷ ହୋଇଛି। ବ୍ଲକ୍‌ର ୧୬୬୧ ଘର ନିର୍ମାଣ ଶେଷ ହୋଇ ନ ଥିବାବେଳେ ଅଧିକାଂଶ ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି। ଏପଟେ ବିଗତ ଦିନରେ ପ୍ରଶାସନର ପୁରା ଟିମ ବଣ୍ଡାଘାଟିରେ ଗୃହ ନିର୍ମାଣ କରିବାକୁ ରାତି ଉଜାଗର ରହି ହିତାଧିକାରୀଙ୍କୁ ସଚେତନ କରିଥିଲେ। କିନ୍ତୁ ସବୁ ଫସର ଫାଟିଯାଇଛି ବୋଲି ଆଲୋଚନା ହେଉଛି। ତେବେ ସରକାର ବଣ୍ଡା ଘାଟି ପାଇଁ ଅଧିକ ଗୁରୁତ୍ୱ ଦେଉଥିବା କଥା କହୁଥିବା ବେଳେ କିଏ ଖାଇଗଲା ଆବାସ ଅର୍ଥ ତାହାର ତଦନ୍ତ କେବେ ସରକାର କରିବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କାହିଁକି ଠିକାଦାରଙ୍କୁ ଜନଜାତିଙ୍କ ଆବାସ ଗୃହ ନିର୍ମାଣ ଦାୟିତ୍ୱ ଟେକିଦେଇଥିଲା ପ୍ରଶାସନ ଓ ଟାର୍ଗେଟ୍ ପୂରଣ ଲକ୍ଷ୍ୟରେ କାହିଁକି ବଣ୍ଡାଙ୍କ ଆବାସ ଗୃହ ଅର୍ଥକୁ ନେଇ ଖେଳିଥିଲା ବ୍ଲକ ପ୍ରଶାସନ ତାହାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

### ଠିକାଦାରଙ୍କୁ ଗୃହ ନିର୍ମାଣ କାର୍ଯ୍ୟ ଦେଇ ଚିନ୍ତାରେ ପ୍ରଶାସନ

## ବାଇକ୍ ଚୋରି ପରେ ପୋଡିବା ଘଟଣା; ଅଭିଯୁକ୍ତ ଗିରଫ

ଜୟପୁର,୨୫।୧(ସମିସ): ଜୟପୁର ସଦରଥାନା ଅନ୍ତା ଗ୍ରାମର ଏକ ବାଇକ ଚୋରିକରି ପୋଡିଦେଇଥିବା ନେଇ ସଦରଥାନାରେ ହୋଇଥିବା ଏକ ମାମଲାରେ ଅଭିଯୁକ୍ତ ଅନ୍ତା ଗ୍ରାମର ରାହୁଲ ଅନକା (୨୩)ଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ ଅନ୍ତାଗ୍ରାମର ଭକ୍ତରାମ ହରିଜନଙ୍କ ବାଇକ (ଓଡି୧୦ଏଲ୩୬୫୦) ଗତ ୪ ତାରିଖରେ ତାଙ୍କ ଘର ପରିସରରୁ ଚୋରି ହୋଇଯାଇଥିଲା। ଏହିପରି ଗତ ୫ ତାରିଖ ରାତି ୮ଟା ସମୟରେ ଦିଶାରୀକୋଣେଇଠାରେ ନିଆଁରେ ପୋଡି ହୋଇଥିବା ନେଇ ଅଭିଯୋଗକାରୀ ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗକାରୀଙ୍କ ଏତଲା କ୍ରମେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସାବିତ୍ରୀ ପାତ୍ରଙ୍କ ପରଲୋକ

ତେନ୍ତୁଲିଖୁଣ୍ଟି,୨୫।୧(ସମିସ): ଇନ୍ଦ୍ରାବତୀ ବଣିକ ସଂଘ ସଭାପତି ଏସ୍ ମୃତ୍ୟୁଞ୍ଜୟ ପାତ୍ରଙ୍କ ମାତା ସାବିତ୍ରୀ ପାତ୍ର(୯୭)ଙ୍କ ଶନିବାର ରାତ୍ର ୮ଟା



ସମୟରେ ପରଲୋକ ହୋଇଯାଇଛି। ଇନ୍ଦ୍ରାବତୀ ନଦୀ ପଠା ସ୍ମଶାନ ଘାଟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବଣିକ ସଂଘ ସଦସ୍ୟଙ୍କ ସମେତ ଶତାଧିକ ସ୍ଥାନୀୟ ଲୋକେ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କବିତା ଆସର

କୋରାପୁଟ,୨୫।୧(ସମିସ): ୭୭ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ କୋରାପୁଟ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ ଏକ ମନୋଜ୍ଞ କବିତା ଆସର ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ଡ.ବିଜୟ କୁମାର ନନ୍ଦ ଯୋଗ ଦେଇ ସାହିତ୍ୟରେ ପ୍ରକୃତି, ପରିବେଶ ଓ ପ୍ରଦୂଷଣ ସଂପର୍କରେ ଚର୍ଚ୍ଚା ହେବାର ଆବଶ୍ୟକତା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରଫେସର ଡ . ଜଗବନ୍ଧୁ ସାମଲ ଓ ପ୍ରଫେସର ନାରାୟଣ ପଣ୍ଡା କବିତା ତଥା ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା କବି ଡ. ପ୍ରଦୀପ କୁମାର ମିଶ୍ର କବିତାର ସ୍ୱରୂପ ଓ କବିର ଅସହାୟତା ପ୍ରସଙ୍ଗରେ ନିଜର ମତ ଉପସ୍ଥାପନ କରିଥିଲେ। କବି ରାଜଶ୍ରୀ ରଞ୍ଜିତା ହରିଚନ୍ଦନଙ୍କ କବିତା ସଙ୍କଳନ 'ତୋର ମୋର ସେଲ୍‌ଫି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କବି ହରିଚନ୍ଦନ ଏହି କବିତା ଲେଖିବା ବେଳର ଅନୁଭୂତି ବାଣ୍ଟିଥିଲେ। ପରେ ଉପସ୍ଥିତ କବିବୃନ୍ଦ ସ୍ୱରଚିତ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ ଏବଂ ପରିଚାଳନା କରିଥିଲେ କୋରାପୁଟ ସାହିତ୍ୟ ପରିବାରର ଉପସଭାପତି ରବି ଶତପଥୀ। ଧନ୍ୟବାଦ ଅର୍ପଣ କରିଥିଲେ ସଂପାଦକ ଡ.ପ୍ରୀତିଧାରା ସାମଲ। ଏହି କାର୍ଯ୍ୟକ୍ରମରେ କବି ଚକ୍ରପାଣି ପରିଛା, ଜଳଧର ସ୍ୱାଇଁ, ଓମ୍ ପ୍ରକାଶ ସିହ୍ନା, ସତ୍ୟ ଷଡ଼ଙ୍ଗୀ, ନୃସିଂହ ଚରଣ ପଣ୍ଡା, ଡ. ଗଣେଶ ପ୍ରସାଦ ସାହୁ, ସିଏଚ୍ ଶାନ୍ତାକାର, ଅର୍ଚ୍ଚନା ପଟ୍ଟନାୟକ, ବିଜୟ କୁମାର ପ୍ରଧାନ, ମଧୁସୂଦନ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ରମେଶ ସାହୁ, କିଶୋର ଚନ୍ଦ୍ର ବେହେରା, ପ୍ରତିମା ମହାରଣା, ଡ.ଅମୂଲ୍ୟ ରଞ୍ଜନ ମହାପାତ୍ର, ପ୍ରଭାତ କୁମାର ମହାପାତ୍ର ପ୍ରମୁଖ କବିତା ପାଠ କରିଥିଲେ।




## ପ୍ଲାଷ୍ଟିକ ମୁକ୍ତ ପୁଞ୍ଜିସିଲ ଅଭିଯାନ

ପୋଡ଼ାଗଡ,୨୫।୧(ସମିସ): କୋରାପୁଟ ଜିଲ୍ଲା ପର୍ଯ୍ୟଟନ ସ୍ଥଳୀମାନଙ୍କ ମଧ୍ୟରେ ପୁଞ୍ଜିସିଲ ପର୍ଯ୍ୟଟନ ସ୍ଥଳୀ ଅନ୍ୟତମ। ଏହି ପର୍ଯ୍ୟଟନ ସ୍ଥଳୀ ଦଶମନ୍ତପୁର ବ୍ଲକ୍ ଅଧୀନସ୍ଥ ମୁଜାଙ୍ଗ ପଞ୍ଚାୟତରେ ଅବସ୍ଥିତ। ସିଙ୍ଗଲ ପ୍ଲାଷ୍ଟିକ ମୁକ୍ତ ପୁଞ୍ଜିସିଲ ନିର୍ମାଣ କରିବା ପାଇଁ କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରା ପ୍ଲାଷ୍ଟିକ୍ ମୁକ୍ତ ପୁଞ୍ଜିସିଲ ଅଭିଯାନ ଆରମ୍ଭ କରାଯାଇଛି। ଆଜି ଦିନ ୧୦ଟା ୩୦ ସମୟରେ କୋରାପୁଟ ବନ ବିଭାଗ ଦ୍ୱାରା ଗ୍ରାମବାସୀ ଓ ସ୍ୱୟଂ ସହାୟକ ମହିଳା ଓ ପର୍ଯ୍ୟଟମାନଙ୍କୁ ନେଇ ପୁଞ୍ଜିସିଲ୍ ଜଳ ପ୍ରପାତରେ ଏକ ସଚେତନ ସଭା କରାଯିବା ସହ ଆଖପାଖରେ ପଡି ରହିଥିବା ପ୍ଲାଷ୍ଟିକ ସାମଗ୍ରୀ ହଟାଇବା ସହ ସଫା ସୁତୁରା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏସ୍‌କେ ପାହାଡ଼ସିଂ ଯୋଗଦେଇଥିଲେ। ପୋଡ଼ାଗଡ ସରପଞ୍ଚଙ୍କ ସ୍ୱାମୀ ଚୈତନ୍ୟ ଭୋଇ ଉପସ୍ଥିତ ଥିଲେ। ଉପସ୍ଥିତ ଗ୍ରାମବାସୀ ଓ ପର୍ଯ୍ୟଟକମାନଙ୍କୁ ରିପ୍‌ଲେଟ୍ ଦେଇ ସଚେତନ କରିଥିଲେ। ଏହା ବ୍ୟତୀତ ଉକ୍ତ ଜଳ ପ୍ରପାତରେ ବ୍ୟବହାର ପାଇଁ ତିନୋଟି ଡଷ୍ଟବିନ୍ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପ୍ରଦାନ କରିଥିଲେ। ବଙ୍ଗଳାଗୁଡା ବନପାଳ ତଥା ପୋଡ଼ାଗଡ ସେକ୍ସନ୍ ବନପାଳ ଚିତ୍ତ ରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଦମନଯୋଡ଼ି ବନପାଳ ସୁନିଲ କୁମାର ପାଡି, କୋରାପୁଟ ଟାଉନ ବନପାଳ ଆର ବିଜୟ ଶେଖର, ବନପାଳ ଅଜିତ ଖରା, ଜଗନ୍ନାଥ ଜାଲ, ଆଶିଷ କୁମାର ଜେନା, ପି. ବାଲାଜୀ ସାହୁ, ସୀତାକାନ୍ତ ବଡ଼ଜେନା, ପ୍ରମୋଦିନି ସେଠୀ, ଗ୍ରାମ ବନ ସଂରକ୍ଷକ ସଭାପତି ଗୁଲା ଭୋଇ, ମାଟି ମୁଦୁଲି, ରୁଦ୍ର ଗୋଲାରୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରିଥିଲେ। ଆଗାମୀ ଦିନରେ ମାନଙ୍କରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସପଥ ନେଇଥିଲେ।

## ରୟତ କଲୋନୀ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

ରାୟଗଡ଼ା,୨୫।୧(ସମିସ): ରାୟଗଡା ଓଭର ବ୍ରିଜ ପୁନଃରୁଦ୍ଧାର ତଥା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହାର ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି। ଯାହାଦ୍ୱାରା ବର୍ତ୍ତମାନ ରାୟଗଡା ସହରର ରୟତ କଲୋନୀ ଦେଇ ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ କରୁଥିବା କାରଣରୁ ସାହିବାସିନ୍ଦାମାନେ ଚଳାଚଳ ବନ୍ଦ ପାଇଁ ଦାବି କରିଛନ୍ତି। କିଛି ଦିନ ତଳେ ଏହିଭଳି ଅନୁରୂପ ଦାବି କରି ରାସ୍ତାରୋକ କରିଥିଲେ। ପରେ ପୋଲିସ ପ୍ରଶାସନ ବୁଝାସୁଝା କରିବା ସହିତ ବାଇପାସ୍‌ରେ ବେରିକେଡ୍ ଲଗାଇଥିଲା। ତଥାପି ବେରିକେଡ୍ ହଟାଇ ଭାରିଯାନଗୁଡ଼ିକ ଯାତାୟତ କରୁଛନ୍ତି । ତେଣୁ ରବିବାର ସାହିବାସିନ୍ଦା ଉତକ୍ଷିପ୍ତ ହୋଇ ପୁନଶ୍ଚ ରାସ୍ତାରୋକ କରିଥିଲେ। ଉକ୍ତ ରାସ୍ତା ଦେଇ କୌଣସି ଭାରିଯାନ ଯିବାକୁ ଦେବୁ ନାହିଁ ବୋଲି ସାହି ଲୋକେ ଅଡ଼ି ବସିଥିଲେ। ଖବରପାଇ ରାୟଗଡ଼ା ଟାଉନଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ସ୍ଥିତି ଅନୁଧ୍ୟାନ ପାଇଁ ପୋଲିସ ଟିମ୍ ପଠାଇଥିଲେ। ପୋଲିସ ପହଞ୍ଚିବା ପରେ ବୁଝାସୁଝା କରିଥିଲେ ହେଁ ଲୋକେ ଏହାର ସ୍ଥାୟୀ ସମାଧାନ ଦାବି କରିଥିଲେ। ଏଥିସହ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି। ଅଞ୍ଚଳର ପିଲାଙ୍କ ଠାରୁ ଆରମ୍ଭ କରି ମହିଳା ଓ ବରିଷ୍ଠ ନାଗରିକ ଭାରିଯାନ ଚଳାଚଳ କାରଣରୁ ଦୁର୍ଘଟଣାର ଆଶଙ୍କା ଉପୁଜିଛି ବୋଲି କହିଛନ୍ତି ସାହିବାସିନ୍ଦା। ତେବେ ଏହାର ସମାଧାନ ବାଟ କଢ଼ାଯିବ ବୋଲି ପୋଲିସ ପ୍ରତିଶୃତି ଦେବା ପରେ ରାସ୍ତାରୋକରୁ ହଟିଥିଲେ ଅଞ୍ଚଳବାସୀ।

### ● ସାହିବାସିନ୍ଦାଙ୍କ ରାସ୍ତାରୋକ

## ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

କୋରୁକୋଣ୍ଡା,୨୫।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକସଦର ସରକାରୀ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟର ୧୯୯୨ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ସପ୍ତମ ବର୍ଷ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ସଦର ପଞ୍ଚାୟତ କୋଇଲିପାରି ଗ୍ରାମ ନିକଟ ନର୍ସି ପୋଖରୀ ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ଦିନକୁ ମନେ ପକାଇଥିଲେ। ଏଥିରେ ଭୁବନେଶ୍ୱରରୁ ବୀଣାପାଣି ମଲ୍ଲିକ ଏବଂ ତାଙ୍କ ସ୍ୱାମୀ ସରୋଜ କୁମାର ଜେନା ଯୋଗଦେଇଥିବା ବେଳେ ରାୟଗଡ଼ାରୁ ପଙ୍କଜ ମଣ୍ଡଳଙ୍କ ସମେତ ହିମାଂଶୁ ଭୂଷଣ ଜେଠି, ପ୍ରଦୀପ କୁମାର ମହାରଣା, ସୁଦର୍ଶନ ସାବତ, ବୁଲୁ ସାବତ, ବାବୁଲି ମାଳୀ, କୈଳାସ ଚେଟୀ, ଧନ ପୂଜାରୀ, ମନୋଜ ସାହା, ମୁନା ପାତ୍ର, ସିମାଞ୍ଚଳ ନାୟକ, କାନେମା ପଟ୍ଟନାୟକ, ରଞ୍ଜିତା ବିଶୋଇ, ସୁବାସ ହରିଜନ, ନରସିଂହ ମଡକାମୀ, ଶିବପ୍ରସାଦ ଦାସ, ଶଶାଙ୍କ, ଅମରେଶ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଗୁଣପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

ଗୁଣପୁର,୨୫।୧(ସ ମି ସ ): ରାୟଗଡ଼ା ଜିଲ୍ଲା ଗୁଣପୁରର ଜଗନ୍ନାଥ ମନ୍ଦିର ବଡ଼ ଦାଣ୍ଡ ପ୍ରାଙ୍ଗଣରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ରବିବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଚ୍ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜ, ମୁଖ୍ୟବକ୍ତା ଭାବେ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଆରଏସଏସ ଅରୁଣ ନାୟକ, ସମ୍ମାନିତ ଅତିଥି ଭାବେ ଚିନ୍ମୟ ମିଶନର ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଜୀ ମହାରାଜ, ଦେବୀ ମଠ ପାରଳାଖେମୁଣ୍ଡିର ସ୍ୱାମୀ ରାମାନନ୍ଦ ଦାଶ ମହାରାଜା, ଟେକିଲି, ଆନ୍ଧ୍ରପ୍ରଦେଶ, ସ୍ୱାଧୀ ଗୀତାଦେବୀ, ଭୁବନେଶ୍ୱରର ମହନ୍ତ ମଦନମୋହନ ଦାଶ ମହାରାଜ, କାଶୀନଗରର ମହନ୍ତ ପଦ୍ମଚରଣ ଦାଶ ମହାରାଜ, ଅଦ୍ୱୈତ ବେଦାନ୍ତ ଆଶ୍ରମ, ଗୁଣପୁରର ଆଚାର୍ଯ୍ୟ ନଳିନୀ ମହାନ୍ତି ଉପସ୍ଥିତ ରହି ସମସ୍ତ ହିନ୍ଦୁଙ୍କ ମୂଳମନ୍ତ୍ର କେବଳ ଏକ ରାଷ୍ଟ୍ର ଏକ ଧର୍ମ ଏକ ସଂସ୍କୃତି ହେବା ଆବଶ୍ୟକ ବୋଲି କହିଥିବା ବେଳେ ହିନ୍ଦୁଙ୍କ ଏକତା ସାରା ଦେଶରେ ପ୍ରସ୍ଫୁଟିତ ହେବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀର ପ୍ରାନ୍ତ ସହ ସମ୍ପାଦକ ତ୍ରିପତି ମହାନ୍ତି ସଂଯୋଜନା କରିଥିବା ବେଳେ ଧନ୍ୟବାଦ ବିଜେପିର କେନ୍ଦ୍ରୀୟ ସଦସ୍ୟ ମଣ୍ଡଳୀର ୱାଇ ଗଣପତି ପ୍ରଦାନ କରିଥିଲେ। ପୌର ଅଧ୍ୟକ୍ଷ ମମତା ଗୌଡ଼, ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ .ଚନ୍ଦ୍ର ଧ୍ୱଜ ପଣ୍ଡା, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ତ୍ରିନାଥ ଗମାଙ୍ଗ, ଜଗନ୍ନାଥ ମନ୍ଦିରର ନିର ପାଢ଼ୀ, ଫକୀର ନାୟକ, ଭାଗିରଥି ବିଶୋଇ, ରାଜେନ୍ଦ୍ର ପାଢ଼ୀ, ପ୍ରମୋଦ ସାହୁ, ଆମର ସାହୁ, ରାମ ପଣ୍ଡା, ଜିଲା ସଙ୍ଘ ଚାଳକ ନନ୍ଦି ଚୌଧୁରୀ, ବି .ଗଜପତି, ଦିଲୀପ ପଣ୍ଡା, ବଲଗୋପଲ ପାଢ଼ୀ, ସୌଭାଗ୍ୟ ପତିତ, ନୁନୁ ପାଢ଼ୀ, ସଦାପଣ୍ଡା, ଶ୍ରୀନିବାସ ଖଡଙ୍ଗ, ଅମ୍ବିକା ମହାପାତ୍ର, ସୋମନାଥ ଗୌଡ଼, ତ୍ରିପତି ରଥ ପ୍ରମୁଖ ଉପସ୍ଥିତ ରହି ଅତିଥିଙ୍କୁ ଅଭିବାଦନ ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ହିନ୍ଦୁ ସମ୍ମିଳନୀ ଗୁଣପୁର ମଣ୍ଡଳର ଏହି କାର୍ଯ୍ୟକ୍ରମକୁ ସ୍ୱାଗତ ଓ ଅତିଥି ପରିଚୟ ଉମା ଶଙ୍କର ଦାଶ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦିଲିପ ଚୌଧୁରୀ ସଂଯୋଜନା କରିଥିଲେ।

## ମାଘସପ୍ତମୀରେ ମନ୍ଦିର ବାର୍ଷିକୀ ଓ ଅଷ୍ଟପ୍ରହର ନାମଯଜ୍ଞ

ଦାମନଯୋଡ଼ି,୨୫।୧(ସମିସ): ପବିତ୍ର ମାଘ ସପ୍ତମୀ ଅବସରରେ ରବିବାର ଦାମନଯୋଡ଼ିର ସେକ୍ଟର ୩ ସ୍ଥିତ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସକାଳ ଠାରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୨ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଚିତ୍ତାକର୍ଷକ ସଂକୀର୍ତ୍ତନ ପରିବେଶଣ କରିଥିଲେ। ମନ୍ଦିର ପୂଜକ ଅଭିମନ୍ୟୁ ପଣ୍ଡା ଓ ନୀଳାଚଳ ମହାପାତ୍ର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପୂଜକ ପର୍ବତ ମହାରାଜଙ୍କ ସହିତ ସହଯୋଗୀ ବାଲକ୍ରିଷ୍ଣା ଦାସ ଅଷ୍ଟପ୍ରହରର ପୂଜାକାର୍ଯ୍ୟ କରିଥିଲେ। ବିଜୟ କୁମାର ମହାପାତ୍ର ଧର୍ମପତ୍ନୀ ହେମବତୀଙ୍କ ସହିତ କର୍ତ୍ତା ରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ଅଷ୍ଟପ୍ରହର ନାମଯଜ୍ଞ କମିଟି ସଭାପତି ପ୍ରଭାସ ରଞ୍ଜନ ସାହୁ, ସଂପାଦକ ଅଲେଖ ଚନ୍ଦ୍ର ମହାକୁଡ଼ ଓ କୋଷାଧ୍ୟକ୍ଷ ନିରାକାର ସାହୁଙ୍କ ସହିତ କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ମୁନୀ, ହରେନ୍ଦ୍ରନାଥ ଗିରି, ବିଜୟ ଜେନା, କପିଳାସ କର୍ଣ୍ଣ, ଅଶ୍ୱିନୀ ଭୋଇ, ପ୍ରସନ୍ନ ପାତ୍ର, କୈଳାସ ମହାରଣା, କୃଷ୍ଣଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ରୟ, ସୁବାସ ଚନ୍ଦ୍ର ମାଇତି, ପୂର୍ଣ୍ଣ ଗୌଡ଼, ତାପସ ରଞ୍ଜନ ସାମଲ, ଅମୂଲ୍ୟ ସେଠୀ ଓ ଅଷ୍ଟପ୍ରହରୀ କମିଟିର ସମସ୍ତ ସଦସ୍ୟମାନେ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ। ସୋମବାର ସକାଳେ ନାମ ସମାପନ ପରେ ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ଯମୁନା ସ୍ନାନ ଆଦି କାର୍ଯ୍ୟକ୍ରମ ରହିଛି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସମୀକ୍ଷା

# ଗୋବିନ୍ଦପାଲି-ମୋଟୁ ରାସ୍ତାରେ ଆଇଏମ୍‌ଏସ୍ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ



ମାଲକାନଗିରି,୨୫।୧(ସମିସ): ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମାଲକାନଗିରି ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଆଜି ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ପରିବହନ ମନ୍ତ୍ରୀ ଜିଲ୍ଲା ଖଣିଜ ଅଧିକାରୀଙ୍କ ସହିତ ଜିଲ୍ଲାର କ୍ଷୁଦ୍ର ଓ ବୃହତ୍ତ ଖଣିଜ କ୍ଷେତ୍ର ଉପରେ ପଚାରି ବୁଝିଥିଲେ ଏବଂ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଡକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ ଦୁର୍ଘଟଣା ସହାୟତା ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧିକରୁ ଅଧିକ ଅଥରାଇଜ୍ ପଲ୍ୟୁସନ୍ ସେଣ୍ଟର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜନସାଧାରଣଙ୍କ ସହାୟତା ନିମନ୍ତେ ହେଲ୍ପ ଡେସ୍କ ଖୋଲି ଜଣେ ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ କୁହାଯାଇଛି। ଓଏସଆରଟିସି ଅଧିକାରୀଙ୍କୁ ସମସ୍ତ ଗାଡ଼ିର ରିରୁଟିଂ କରିବା ପାଇଁ ମଧ୍ୟ କୁହାଯାଇଛି। ଜିଲ୍ଲାରେ ଅମାନିଆ ଗାଡ଼ି ଚାଳକଙ୍କୁ ଧରିବା ପାଇଁ ଗୋବିନ୍ଦପାଲି ରୁ ମୋଟୁ ପର୍ଯ୍ୟନ୍ତ ରାସ୍ତାରେ ଆଇ ଏମ୍ ଏସ୍ (ଇଁସିଡେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ୍) ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଓଏସଆରଟିସି ଡ଼ିପୋରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିଛି ନା ନାହିଁ ପଚାରି ବୁଝିଥିଲେ ମନ୍ତ୍ରୀ। ମାଲକାନଗିରି ସହର ବସ୍ ଷ୍ଟାଣ୍ଡ ନିମନ୍ତେ ଉନ୍ନତମାନର ସମସ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଖଣି କ୍ଷେତ୍ରରେ ନିୟମିତ ତଦାରଖ କରିବା ପାଇଁ ତହସିଲଦାର, ଖଣି ଅଧିକାରୀ ଓ ପଲ୍ୟୁସନ୍ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନେଇ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି। ସେହିପରି ନୂଆ ଏମ୍‌ଏସ୍‌ପିରୁ ଅଧିକ ଦରରେ କେହି ବାଲି ବିକ୍ରି କରି ପାରିବେ ନାହିଁ ବୋଲି କହିଛନ୍ତି ମନ୍ତ୍ରୀ। ମିଳିତ ଭାବେ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ମନ୍ତ୍ରୀଙ୍କ ସମସ୍ତ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଂଗୁ ଖିଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଉପସ୍ଥିତ ଥିଲେ। ପରିବହନ ଓ ଖଣି ବିଭାଗର ସମସ୍ତ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

● ନୀଳାଚଳ ଆଦିବାସୀ ସେବାଶ୍ରମରେ ପରିବହନ ମନ୍ତ୍ରୀ

## ଅନ୍ତେବାସୀଙ୍କ ସହ ଆଲୋଚନା, ସମସ୍ୟା ସମାଧାନ ପାଇଁ ଆଶ୍ୱାସନା

କୋରୁକୋଣ୍ଡା,୨୫।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସ୍ଥିତ ନୀଳାଚଳ ଆଦିବାସି ସେବାଶ୍ରମ, ଟେକଗୁଡ଼ାକୁ ଆଜି ସନ୍ଧ୍ୟାବେଳେ ରାଜ୍ୟର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀ ଶ୍ରୀ ଜେନା ସେବାଶ୍ରମରେ ରହୁଥିବା ଅନ୍ତବାସୀ



ଛାତ୍ରଛାତ୍ରୀଙ୍କ ସହ ସ୍ନେହପୂର୍ଣ୍ଣ ଆଲୋଚନା କରି ସେମାନଙ୍କ ପାଠପଢ଼ା, ରହଣି-ବସଣି, ଖାଦ୍ୟ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଓ ମୌଳିକ ସୁବିଧା ସମ୍ପର୍କରେ ସୂକ୍ଷ୍ମ ଭାବେ ଅବଗତ ହୋଇଥିଲେ। ଛାତ୍ରଛାତ୍ରୀମାନେ ନିଜ ନିଜ ସମସ୍ୟା ଓ ଆବଶ୍ୟକତା ବିଷୟରେ ସିଧାସଳଖ ଭାବେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସେବାଶ୍ରମର ସମ୍ପାଦକ ନୀଳମଣି ପ୍ରଧାନ, ସଞ୍ଚାଳକ ରଞ୍ଜିତ ଓ ସହ ସଞ୍ଚାଳକ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ପ୍ରମୁଖ ଉପସ୍ଥିତ ରହି ସେବାଶ୍ରମର କାର୍ଯ୍ୟକଳାପ, ସଫଳତା ଓ ଚାଲିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେମାନେ ଅବସ୍ଥାପନ ସୁଧାର, ଶିକ୍ଷା ସାମଗ୍ରୀ, ଯାତାୟାତ ସୁବିଧା ଓ ଅନ୍ୟାନ୍ୟ ଆବଶ୍ୟକ ଦାବିଗୁଡ଼ିକୁ ମଧ୍ୟ ଉପସ୍ଥାପନ କରିଥିଲେ। ପରେ ମନ୍ତ୍ରୀ ଶ୍ରୀ ଜେନା ସେବାଶ୍ରମ ପରିସର ବୁଲି ଦେଖି ଶିକ୍ଷାଳୟ କକ୍ଷ, ଛାତ୍ରାବାସ, ରାନ୍ଧଣା ଘର, ଭୋଜନାଳୟ ଓ ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକୁ ପରୀକ୍ଷା କରିଥିଲେ। ଏ ସମୟରେ ସେବାଶ୍ରମରେ ରହୁଥିବା ବିଭିନ୍ନ ସମସ୍ୟାର ଶୀଘ୍ର ଏବଂ ସ୍ଥାୟୀ ସମାଧାନ ପାଇଁ ସଂପୃକ୍ତ ବିଭାଗ ସହ ସମନ୍ୱୟ କରାଯିବ ବୋଲି ମନ୍ତ୍ରୀ ଆଶ୍ୱାସନ ଦେଇଥିଲେ।









## ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

# ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଲେ କଂଗ୍ରେସ କର୍ମୀ



ଚନ୍ଦାହାଣ୍ଡି,୨୫।୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍‌କୁ ସାଂସଦ ବଳଭଦ୍ର ମାଝୀ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଛନ୍ତି। ତେବେ ଚାଷୀଙ୍କ ଧାନ ବ୍ଲକର ୭ ଗୋଟି ମଣ୍ଡିରେ ପଡି ରହିଥିବା ବେଳେ ନିଜ ଅଞ୍ଚଳର ଚାଷୀଙ୍କ ସମସ୍ୟାର ସମାଧାନ ବଦଳରେ ସାଂସଦ ଶ୍ରୀମାଝୀ ଉଦ୍‌ଘାଟନ ଓ ଶିଳାନ୍ୟାସରେ କରିବାକୁ ଚନ୍ଦାହାଣ୍ଡି ସଚେତନ ନାଗରିକ ମଞ୍ଚ ଏବଂ କଂଗ୍ରେସ କର୍ମୀ, ଚାଷୀ ଅସନ୍ତୋଷବ୍ୟକ୍ତକରିଥିବାଦେଖିବାକୁମିଳିଥିଲା। କଂଗ୍ରେସ ନେତା ଖେମରାଜ ବାଘ, କୃଷ୍ଣ ବାଘ, ପିଙ୍କୁ ସେର ସମେତ କଂଗ୍ରେସ କର୍ମୀ ସାଂସଦଙ୍କ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ପରୋକ୍ଷରେ ବିରୋଧ କରିଥିଲେ। ଏପରିକି ସିନାପାଲି ଭଣ୍ଡାର ନଦୀ ସେତୁ କାର୍ଯ୍ୟ ପୂର୍ବ ସରକାରଙ୍କ ସମୟରୁ ମଞ୍ଜୁର ହୋଇଥିବା ବେଳେ ତାକୁ ବର୍ତ୍ତମାନର ଜନପ୍ରତିନିଧି ପୋଲ ଉଦ୍‌ଘାଟନ କରି ବାହା ବାହା ନେବା ଯୁକ୍ତି ଯୁକ୍ତ ନୁହେଁ ବୋଲି କହି ଉଦ୍‌ଘାଟନ ପୂର୍ବରୁ ଫଳକକୁ ଭାଙ୍ଗିଦେଇ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ଯାହାଦ୍ୱାରା ଆଜି ସାଂସଦଙ୍କ ଦ୍ୱାରା ଭଣ୍ଡାର ନଦୀ ସେତୁ ପ୍ରକଳ୍ପ ଉଦ୍‌ଘାଟନ ହୋଇପାରି ନଥିଲା। ତେବେ ଏନେଇ ସାଂସଦ ଶ୍ରୀମାଝୀ ନିଜ ପ୍ରତିକ୍ରିୟାରେ ଚନ୍ଦାହାଣ୍ଡିର ବିକାଶକୁ କିଛି ବ୍ୟକ୍ତି ସହି ନ ପାରି ଏଭଳି କାଣ୍ଡ କରିଥିବା କହି କ୍ଷୋଭ ବ୍ୟକ୍ତ କରିଛନ୍ତି। ଅନ୍ୟପଟରେ ଚନ୍ଦାହାଣ୍ଡି ଗସ୍ତ ଅବସରରେ ସାଂସଦ ଶ୍ରୀ ମାଝୀ ପ୍ରଥମେ ବିଦ୍ୟୁତ ବିଭାଗର ଦ୍ୱିତୀୟ ୩୩ କେଭି ଫିଡ଼ରର ସଂଯୋଗୀକରଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ହଳଦୀଠାରେ ଭିବି-ଜି ରାମ ଜି ଜନ ଜାଗରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ଲକ୍‌ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ଚଳିତ ମାସ ଶେଷ ସୁଦ୍ଧା ଖସଡ଼ା ପ୍ରସ୍ତୁତ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଅନ୍ତର୍ଭୁକ୍ତ ୧୭ଜଣ ଭିନ୍ନକ୍ଷମଙ୍କୁ ସାଇକେଲ, ୩୭ ଜଣଙ୍କୁ ବସୁନ୍ଧରା ଯୋଜନା ଅନ୍ତର୍ଭୁକ୍ତ ପଟା ବଣ୍ଟନ, ୩ ଜଣଙ୍କୁ ପେନସନ ଏବଂ ୧୬ ଜଣଙ୍କୁ ରାସନ କାର୍ଡ ବଣ୍ଟନ ସହ ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପାଦିତ ଭଣ୍ଡାର ନଦୀ ପୋଲର ଲୋକାର୍ପଣ, ଆରଡି ବିଭାଗ ଦ୍ୱାରା ହେବାକୁ ଥିବା ବନାମହୁଲ ଠାରୁ ଭାଟିପରା ଭାୟା କଛାରପଡା ସଡ଼କର ଭୂମିପୂଜନ କରିଛନ୍ତି ସାଂସଦ। ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମାଝୀଙ୍କ ସମେତ ସ୍ଥାନୀୟ ବିଡ଼ିଓ ଚଇନୁ ଗଣ୍ଡ, ତହସିଲଦାର ସହଦେବ କୁଟ୍ରୁକା, ବିଦ୍ୟୁତ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ସମେତ ଗୋବିନ୍ଦ ଜୈନ, ଭୋଦେବ ବାଗ, ତରନ ନାୟକ, ଶ୍ୟାମ ସୁନ୍ଦର ମାଝୀ, ଅକାଲୁ ଯାଲି, ସରୋଜ ଅଗସ୍ତି, ଜଳନ୍ଧର ମାଝୀ, ହର୍ଲାଲ ଝାଙ୍କର୍, ବସନ୍ତ ମାଝୀ, ଭାରତ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

### ହୋଇପାରିଲାନି ଭଣ୍ଡାର ନଦୀ ସେତୁ ପ୍ରକଳ୍ପ ଉଦ୍‌ଘାଟନ

# ବିଷମକଟକରେ ବିଶ୍ୱ ହିନ୍ଦୁ ସମ୍ମିଳନୀ

ବିଷମକଟକ,୨୫।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସହରର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ସମ୍ମିଳନୀ ଅବସରରେ ଆଜି ସକାଳ ୮ଟା ସମୟରେ ନଦୀରୁ କଳସ ଯାତ୍ରା ଆରମ୍ଭ ହୋଇ ବିଷମକଟକ ସହର ପରିକ୍ରମା କରିଥିଲା। ପରେ କାର୍ଯ୍ୟକ୍ରମ ସ୍ଥଳରେ ପବିତ୍ର କଳସ ସ୍ଥାପନ କରାଯାଇଥିଲା। ଏହାପରେ ସୂର୍ଯ୍ୟ ପୂଜା, ବିଶ୍ୱ ଶାନ୍ତି ମହାଯଜ୍ଞ, ହନୁମାନ ଚାଳିଶା ପାଠ, ଗୀତା, ଭାଗବତ ପାଠ ସହ ରାମାୟଣ ଓ ମହାଭାରତ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଗୋମାତା ସୁରକ୍ଷା, ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା, ହିନ୍ଦୁ ଏକତା, ଦାନଧର୍ମ ଓ କର୍ମର ମହତ୍ତ୍ୱ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ଧର୍ମ ଜାଗରଣ ସଂଯୋଜକ ପ୍ରଭାତ କୁମାର ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦର ବାବା ମଧୁସୂଦନ ଦାସ ଏବଂ କେନ୍ଦ୍ରୀୟ ମାର୍ଗଦର୍ଶକ ସ୍ୱାମୀ ନିର୍ବାଣନନ୍ଦ ଗିରି ଯୋଗଦେଇ ସନାତନ ଧର୍ମ ଓ ହିନ୍ଦୁ ଏକତା ବିଷୟରେ ବକ୍ତବ୍ୟ ରଖିଥିଲେ। ନେତ୍ରାନନ୍ଦ ସତପଥି, ସୁବୋଧ କୁମାର ପ୍ରଧାନୀ, ସୁବାସ ଚନ୍ଦ୍ର ବକ୍ସି, ମୂରଳୀଧର ବେହେରା, ମକରଧ୍ୱଜ ଉତ୍ତରାସିଲ, କୁଲୁନାଥ ପାଢ଼ୀ, ଶୁଭମ୍ ମହାପାତ୍ର, ବାଳମୁକୁନ୍ଦ ପାଳ, ଜବାବ ପାଲକା, ଗଦାଧର ତ୍ରିପାଠୀ, ଲକ୍ଷ୍ମୀକାନ୍ତ ପଣ୍ଡା, ଶଙ୍କରର୍ଷଣ ରଥ, ଜ୍ଞାନରଞ୍ଜନ ପାଳ, ଦୁର୍ଯ୍ୟୋଧନ ପାଳ, ଜି. ଅଜୟ କୁମାର ଗୁଡଲା, ଦିଲ୍ଲୀପ ମହାରଣା, ଗୌତମ ଉଲ୍ଲାକା, ବାଦଲ କୁମାର ରଣା, ସର୍ବେଶ୍ୱର ସୁନା, ରାମଦାସ ଉଲ୍ଲାକା, ଅନିଲ କୁମାର ସାହୁ, ଲକ୍ଷ୍ମୀକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଦୁଇ ବିଚାରପତିଙ୍କ ଗୁପ୍ତେଶ୍ୱର ପରିଦର୍ଶନ



ବୈପାରୀଗୁଡା,୨୫।୧(ସମିସ): ଓଡିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ପ୍ରଶାସନିକ ମୁଖ୍ୟ ବିଚାରପତି ଚିତ୍ତରଞ୍ଜନ ଦାସ ଶନିବାର ବୈପାରୀଗୁଡା ଗସ୍ତରେ ଆସିଥିଲେ। ଦୁଇ ବିଚାରପତି ଦକ୍ଷିଣ ଓଡିଶା ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ପରିଦର୍ଶନ କରି ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ କରିବ ସହ ପୂଜା କରିଥିଲେ। ଏହି ଅବସରରେ ବୈପାରୀଗୁଡା ଓକିଲ ସଙ୍ଘ ପକ୍ଷରୁ ଦୁଇ ବିଚାରପତିଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ପି. ରମେଶ ପାତ୍ର, ସହ ଓକିଲ ବିଶ୍ୱଜିତ ନାୟକ, ଗୌର ପାତ୍ର, ଦିଲୀପ ମହାନ୍ତି, ରାଜେଶ୍ୱର ମହୁରିଆ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜଜ୍, ସ୍ଥାନୀୟ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଜୟପୁର କୋର୍ଟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## କଂଗ୍ରେସର ଆଗୁଆ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

# ଖାତିଗୁଡ଼ା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

ତେନ୍ତୁଳିଖୁଣ୍ଟି,୨୫।୧(ସମିସ): ଆଗୁଆ ପଞ୍ଚାୟତ ନିର୍ବାଚନ ହେବାନେଇ ଚର୍ଚ୍ଚା ଆରମ୍ଭ ହେଲାଣି। ଯାହାକୁ ନେଇ କଂଗ୍ରେସ ଏବେଠାରୁ ସଜବାଜ ଆରମ୍ଭ କରିଛି। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତେନ୍ତୁଳିଖୁଣ୍ଟି ବ୍ଲକ୍ କଂଗ୍ରେସ ପକ୍ଷରୁ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସଦର ଅନ୍ତର୍ଗତ ବଡ଼ଭଙ୍ଗା ଗ୍ରାମଠାରେ ପ୍ରଥମ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ ବରିଷ୍ଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ ଉପସ୍ଥିତ ରହି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସ କର୍ମୀଙ୍କୁ ଏବେଠାରୁ ସଜବାଜ ହେବାକୁ ଆହ୍ୱାନ ଦେଇଛନ୍ତି। ଯୁବନେତା ଅଖିଳ ଭତରା ସରକାରଙ୍କ ବିଫଳତାକୁ ନେଇ ସ୍ୱର ଉତ୍ତୋଳନ କରିଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଖାତିଗୁଡା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଲୋକଙ୍କୁ ନ୍ୟାୟ ମିଳୁନି। ଫଳରେ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏଣୁ ଆଗାମୀ ଦିନରେ ପ୍ରାୟ ୫ ହଜାର ଲୋକଙ୍କୁ ନେଇ କଂଗ୍ରେସ ବ୍ଲକ୍ କାର୍ଯ୍ୟାଳୟ ଓ ଖାତିଗୁଡା ଥାନା ଘେରଉ କରିବା ପାଇଁ ଆହ୍ୱାନ କରିଛନ୍ତି। ଏହି ବୈଠକରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ପି. ନଗରତ୍ନମ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ତଥା ଜିଲ୍ଲା କଂଗ୍ରେସ ସମ୍ପାଦକ ଦୁର୍ଲଭ କନ୍ଧ ଗୌଡ଼, ବରିଷ୍ଠ ନେତା କିଶୋର ଚନ୍ଦ୍ର ସିଙ୍ଗ, ବସନ୍ତ ପାଣିଗ୍ରାହୀ, ବିଶ୍ୱନାଥ ସିଂଘ, ଅଜୟ ହିଆଲ, ରମେଶ ପାତ୍ର ବାଘ, ସୁନୀଲ ସିଙ୍ଗ, ସୁବାଷ କର୍କରା, କୁମର ପୂଜାରୀ, ସୁଶାନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଆପଲ ରାଜିବ ଦାସ, ଡମେନ ଯାନୀ, ପାଇକ ସାନ୍ତା, ରସିଆ ସାନ୍ତା, କାଶ ସାନ୍ତା, ଲକ୍ଷ୍ମଣ ଯାନୀ ଅନ୍ୟ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିବା ବେଳେ ଦଳ ପକ୍ଷରୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ସେହିପରି ତୃତୀୟ ଥର ପାଇଁ ବ୍ଲକ କଂଗ୍ରେସ ସଭାପତି ଭାବରେ ପ୍ରହଲ୍ଲାଦ ହିଆଲ ପୁଣିଥରେ ଚୟନ ହୋଇଥିବା ଯୋଗୁଁ ତାଙ୍କୁ ମଧ୍ୟ ଦଳୀୟ କର୍ମୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବୈଠକ ଆରମ୍ଭ ରୁ କଂଗ୍ରେସ ଦଳ ପକ୍ଷରୁ ବ୍ଲକର ସମସ୍ତ ସାମ୍ବାଦିକଙ୍କୁ ପେନ ଡ଼ାଏରୀ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ବ୍ଲକର ୧୫ ଗୋଟି ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

### ଥାନା ଘେରିବାକୁ କଂଗ୍ରେସର ଚେତାବନୀ








# ‘ଢୋଲଟା ଭିତରେ ପଶିଚି ମୂଷା’ ଲୋକାର୍ପିତ



ରାୟଗଡ଼ା,୨୫।୧(ସମିସ ): ରବିବାର ମାଘ ତିଳ ସପ୍ତମୀ ତିଥିରେ ରାୟଗଡ଼ା ନଗର ରୟତ କଲୋନୀ ସ୍ଥିତ ସାଇ ମନ୍ଦିର ପରିସରରେ ଡଃ ରତି ରଞ୍ଜନ ଦାଶଙ୍କ “ଢୋଲଟା ଭିତରେ ପଶିଚି ମୂଷା’ କବିତା ସଂକଳନ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ସଭାପତି ଡ଼ଃ ରତି ରଞ୍ଜନ ଦାଶ, ମୁଖ୍ୟ ଅତିଥି ଭାବେ ସକ୍ଷମର ରାଜ୍ୟ ସଂରକ୍ଷକ ଡଃ ବାଦଲ ତା, ମୁଖ୍ୟ ବକ୍ତା ଦାମୋଦର ପଣ୍ଡା, ସମ୍ମାନିତ ଅତିଥି ସୋମେଶ୍ୱର ରାଓ ଓ ନମୋ ଶଙ୍କର ସତିଶ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ସସ୍ମିତା ମିଶ୍ର ସଞ୍ଚାଳନ କରିଥିଲେ। ପରେ ଶୀତ ଆଧାରିତ କବିତା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ କବି ପ୍ରଶାନ୍ତ ପଟ୍ଟନାୟକ, ସଦାଶିବ ରାଜଗୁରୁ, ଲଳିତ ମୋହନ ଜେନା, ପ୍ରଦୀପ ତ୍ରିପାଠୀ, ମାୟାଧର ସାହୁ, ଅରୁଣ ଲେଙ୍କା, ଅରୁଣ ମିଶ୍ର, ରବି ଶତପଥୀ, ଅଖିଳେସ ପଟ୍ଟନାୟକ, ଜୟଦେବ ସିଠ, ଭାଗରଥୀ ଶତପଥୀ, ସସ୍ମିତା ମିଶ୍ର, ମହେଶ୍ୱେତା ପାଣିଗ୍ରାହୀ, ଅହଲ୍ୟା ମହାରଣା, ତ୍ରୀବେଣୀ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବିତା ସଞ୍ଚାଳନ କରିଥିଲେ ମହେଶ୍ୱେତା ପାଣିଗ୍ରାହୀ ଓ ତ୍ରିବେଣୀ ମିଶ୍ର। କବି ରଚି ରଞ୍ଜନ ଦାଶଙ୍କ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କବି ନାରାୟଣ ପଣ୍ଡା, ଲଳିତ ମୋହନ ଯେନା,ମାୟାଧର ସାହୁ, ସଦାଶିବ ରାଜଗୁରୁ, ଜୟଦେବ ସିଠଙ୍କୁ ଉପଢ୍ୱୌକନ ଦେଇ ସମ୍ମାନିତ କରିଥିଲେ। ଶ୍ରୀ ଦାଶ ପୁରୁଣା କବି ମଧ୍ୟରେ ସତ୍ୟନାରାୟଣ ଗନ୍ତାୟତଙ୍କ ସାହିତ୍ୟ କୃତି ସମ୍ପର୍କରେ କହିଥିଲେ। ଭାରତୀୟ ମଜଦୁର ସଂଘ ରାଜ୍ୟ ଉପସଭାପତି ତଥା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଯୋଗେଶ୍ୱର ଦାସଙ୍କ ଅବଦାନ ସ୍ୱୀକାର ଯୋଗ୍ୟ ବୋଲି କୁହାଯାଇଥିଲା। ଶେଷରେ ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରେସ୍ କ୍ଲବର ସ୍ମାରକପତ୍ର

# ବନ୍ଦେ ଭାରତ, ଇଣ୍ଟରସିଟିକୁ ଜୟପୁର ସଂପ୍ରସାରଣ ଦାବି

ନନ୍ଦପୁର,୨୫।୧(ସମିସ):

ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସଂହି ଦେଓ ରବିବାର ଲମତାପୁଟ ବ୍ଲକରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ନନ୍ଦପୁର ବ୍ଲକ୍ ଦେଇ ଫେରିବା ସମୟରେ ନନ୍ଦପୁର ପ୍ରେସ କ୍ଲବର ସଭାପତି ତ୍ରିନାଥ ଖରା, ସମ୍ପାଦକ ରମେଶ କୁମାର ଅଧିକାରୀ, ଉପ ସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଡ଼ି, ଶ୍ରୀରାମ ଖରା, ହରେସ ଖିଲ, ହିରଣ୍ୟ ବିଶୋଇ, ସାମୁଏଲ ଖେମୁଣ୍ଡୁ ପ୍ରମୁଖ ଉପମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ କରି ଏକ ସ୍ମାରକ ଚିହ୍ନ ଉପହାର ଦେବା ସହ ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଅବା ଇଣ୍ଟର ସିଟି ଏକ୍ସପ୍ରେସ୍ ରେଳକୁ ଭାୟା ଆରକୁଭେଜା ଦେଇ କୋରାପୁଟ ଜୟପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଦାବିରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସୂଚିତ ଯେ, ଆନ୍ଧ୍ର ସୀମାନ୍ତ ଏହି ଅଞ୍ଚଳର ଲୋକମାନଙ୍କ ପାଇଁ ରାଜଧାନୀ ଓ ମୁଖ୍ୟ ସହରମାନଙ୍କ ସହ ସରଳ ଗମନାଗମନ ସୁବିଧା ଅତ୍ୟାବଶ୍ୟକ। ଏହି ବିଷୟକୁ ଗୁରୁତ୍ୱ ଦେଇ ସାଂସଦ ମହୋଦୟ ଲୋକସଭାରେ ଦୃଢ଼ ସ୍ୱରରେ ଦାବି ଉପସ୍ଥାପନ କରି ଦୀର୍ଘଦିନର ସ୍ୱପ୍ନ ପୂରଣରେ ସହାୟକ ହେବେ ବୋଲି ଆଶା ବ୍ୟକ୍ତ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଏହି ଅଞ୍ଚଳ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ତୁଳନାରେ ଗମନାଗମନ କ୍ଷେତ୍ରରେ ସବୁଠାରୁ ଉପେକ୍ଷିତ। ରାଜଧାନୀ ଅଭିମୁଖେ କୌଣସି ସରଳ ଯାତାୟାତ ସୁବିଧା ନ ଥିବାରୁ ସାଧାରଣ ଜନତା ଦୈନନ୍ଦିନ ଜୀବନରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଶ୍ଚିନ୍ତ ଦାବିକୁ ବିଚାରକୁ ନେଇ ଅଞ୍ଚଳବାସୀଙ୍କ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ନିଶାମୁକ୍ତ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଉଦ୍‌ଯାପିତ




ନବରଙ୍ଗପୁର,୨୫।୧(ସମିସ): ସ୍ଥାନୀୟ ବିଡି କଲେଜ ପରିସରରେ ନିଶାମୁକ୍ତି ମାଷ୍ଟର ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ ତାରିଖରେ ତେନ୍ତୁଳିଖୁଣ୍ଟି ଠାରୁ ଆରମ୍ଭ ହୋଇ ନବରଙ୍ଗପୁର ସହର ଦେଇ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଏକ ବିରାଟ ରାଲି ଆରମ୍ଭ ହୋଇ ବିଡି କଲେଜରେ ପହଞ୍ଚିଥିଲା। ଶ୍ରୀ ବିଶ୍ୱବିଦ୍ୟାଳୟର ଆର୍ଟ ଅଫ ଲିଭିଂ ଫାଉଣ୍ଡେସନ ଦ୍ୱାରା ପାଖାପାଖି ଜିଲ୍ଲାର ୪୦ ଯୁବକ ଯୁବତୀ ଙ୍କୁ ମାଷ୍ଟର ସ୍ୱେଚ୍ଛାସେବୀ ଭାବରେ ନିଶାମୁକ୍ତ ସମାଜ ଗଠନ ଦିଗରେ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ଶ୍ରୀ ବିଶ୍ୱବିଦ୍ୟାଳୟରୁ ଭୋଳାନାଥ ଜେନା ମାଷ୍ଟର ରୂପରେ ପହଞ୍ଚି ଏକ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଶିକ୍ଷା ଲାଭ କରିଥିବା ମାଷ୍ଟର ସ୍ୱେଚ୍ଛାସେବୀମାନେ ପରକ୍ଷଣରେ ଗ୍ରାମ, ଶିକ୍ଷା ଅନୁଷ୍ଠାନ, ପଞ୍ଚାୟତ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ସହରାଞ୍ଚଳମାନଙ୍କରେ ନିଶା ଦ୍ୱାରା ଶାରିରୀକ ଏବଂ ମାନସିକ ସ୍ତରରେ ହେଉଥିବା କ୍ଷତି ବିଷୟରେ ଅବଗତ କରାଇ ଏହାକୁ କିପରି ବନ୍ଦ କରାଯିବ ତା’ ଉପରେ ବୁଝାଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହା ଗତ ୧୬ ଜାନୁଆରୀ ଠାରୁ ଆରମ୍ଭ ହୋଇ ୨୨ ଜାନୁଆରୀ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଉଦ୍‌ଯାପନ ଦିବସରେ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଳୟ ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ପହଞ୍ଚି ପ୍ରଶିକ୍ଷକମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଧୀରେ ଧିରେ ଯୁବ ପୀଢ଼ି ନିଶା କବଳରେ ପଡ଼ିଯାଉଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଏହାର ସମାଧାନ ଦିଗରେ ଆନ୍ତରିକତା ସହିତ କାମ କରିବାକୁ କହିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଜିଲ୍ଲାରେ ନିଶା କାରବାର ଉପରେ ପୋଲିସ ପ୍ରଶାସନ ରୋକ୍ ଲଗାଇବା ପାଇଁ ଚେଷ୍ଟା କରନ୍ତୁ ବୋଲି କହିଥିଲେ। ସମସ୍ତ ଅଂଶ ଗ୍ରହଣକାରୀମାନେ ଶପଥ ପାଠ କରିଥିଲେ। ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ଏବଂ ବିଶ୍ୱଜିତ୍ ମହାନ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ।

# ସିଦ୍ଧାର୍ଥ ବିଦ୍ୟାଳୟରେ ମେଗା ସ୍ୱାସ୍ଥ୍ୟମେଳା




କୋଟପାଡ଼, ୨୫।୧(ସମିସ): ସିଦ୍ଧାର୍ଥ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ସାଧାରଣ ଜନତାଙ୍କ ପାଇଁ ମେଗା ସ୍ୱାସ୍ଥ୍ୟ ମେଳା ଆୟୋଜିତ ହୋଇଯାଇଛି। ଜଗଦଳପୁର ବାଲାଜୀ ମେଡିକାଲ ସହଯୋଗରେ ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଦନ୍ତ ରୋଗ ବିଶେଷଜ୍ଞ ଓ ଅସ୍ଥି ଶଲ୍ୟ ବିଶେଷଜ୍ଞ ଯୋଗ ଦେଇ ନିଶୁଳ୍କ ପରୀକ୍ଷା ଏବଂ ସୀମାଦ୍ରୀ ଚେରିଟେବଲ ଟ୍ରଷ୍ଟ ତରଫରୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଆଜିର ଏହି ମେଗା ସ୍ୱାସ୍ଥ୍ୟ ଶିବିରକୁ କୋଟପାଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରଂଜିତ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବାଲାଜୀ ମେଡିକାଲର ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦେବେନ୍ଦ୍ର ସିଂ, ଏନଏସି ଅଧ୍ୟକ୍ଷ ଶଙ୍କର ରାଓ, ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ନାଥ ମହାପାତ୍ର, ଉପସଭାପତି ପ୍ରଦୀପ ବକ୍ସି, ଯୁଗ୍ମ ସମ୍ପାଦକ ଗଣେଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଗୁରୁ ପ୍ରସାଦ ବେବର୍ତ୍ତା, ପରିଚାଳନା କମିଟି ସଭ୍ୟ ପ୍ରଶାନ୍ତ କୁମାର ପଟନାୟକ, ଅବସରପ୍ରାପ୍ତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ପ୍ରତିମା ରାଉଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ବସନ୍ତ ବେହେରା, ଉପାଧ୍ୟକ୍ଷା ରଶ୍ମି ନାୟକ, ସ୍କୁଲ ମ୍ୟାନେଜର ଅନିତା ପାଣି, ସନ୍ତୋଷୀ ପାତ୍ର, ବିଜୟ ମିଶ୍ର, ଭାରତୀ ଚୌଧୁରୀ, ସଂଗୀତା ଦାସଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ଶିବିରକୁ ପରିଚାଳନା କରିଥିଲେ। ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ ଭେଷଜ ବିଭାଗରେ ୭୮, ଅସ୍ଥି ଶଲ୍ୟ ବିଭାଗରେ ୩୪, ଶିଶୁ ବିଶେଷଜ୍ଞ ବିଭାଗରେ ୬୪ ଏବଂ ଦନ୍ତ ଚିକିତ୍ସା ବିଭାଗରେ ୪୦ଙ୍କୁ ମିଶାଇ ସର୍ବମୋଟ ୨୧୬ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଦିଆଯାଇଥିଲା।

# ମୃତ ଜଳସାଥୀଙ୍କ ପରିବାରକୁ ଭେଟିଲା ସଙ୍ଘ



ନବରଙ୍ଗପୁର,୨୫।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପିଏଚଇଓ କାର୍ଯ୍ୟାଳୟ ଠାରେ ଜଳ ସାଥି ଭାବରେ କାର୍ଯ୍ୟ କରୁଥିବା ମୋନିକା ଦାସଙ୍କ ଚଳିତ ଜାନୁୟାରୀ ମାସ ୯ ତାରିଖରେ ମୃତ୍ୟୁ ହୋଇଥିଲା। ଶନିବାର ରାଜ୍ୟ ଜଳ ସାଥି ସଙ୍ଘର ପରାମର୍ଶଦାତା ସୁଦର୍ଶନ ଛୋଟରାୟଙ୍କ ସମେତ ରାଜ୍ୟ ସଭାପତି ବିଳାସିନୀ ପ୍ରଧାନ, ଦକ୍ଷିଣ ଓଡିଶା ସଭାପତି ସୁପ୍ରଭା ରାଉତ, କଳାହାଣ୍ଡି ଜିଲ୍ଲା ସଭାପତି ମିନତୀ ଆଚାର୍ଯ୍ୟ, ନବରଙ୍ଗପୁର ଜିଲ୍ଲା ସୁନିତାଙ୍କ ସହ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଜଳ ସାଥି ମୃତକଙ୍କ ପରିବାରକୁ ଭେଟି ଥିଲେ। ଏହା ସହିତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ଓ ଉମରକୋଟଠାରେ କାର୍ଯ୍ୟ କରୁଥିବା ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି। ମୋନିକା ଗତ ଚାରିବର୍ଷ ହେବ ଜଳ ସାଥି ଭାବରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ମୁଖ କ୍ୟାନ୍ସର ହୋଇଥିଲା। ତାଙ୍କର ସ୍ୱାମୀ ଗୁପ୍ତେଶ୍ୱର ଦାସ ଓ ଦୁଇ ପୁଅଝିଅ ରହିଛନ୍ତି। ସମସ୍ତେ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି। ମୋନିକା ଜଳସାଥୀ ଭାବରେ କାର୍ଯ୍ୟ କରୁଥିବା ବେଳେ ସେ ଲୋକଙ୍କ ଠାରୁ ଜଳ କର ଆଦାୟ କରୁଥିଲେ ଓ ସେ ରାଜ୍ୟରେ ଜଳ କର ଆଦାୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

# ଜାତୀୟ କନ୍ୟାସନ୍ତାନ ଦିବସ

ରାମନାଗୁଡ଼ା,୨୫।୧(ସମିସ ): ରାମନାଗୁଡ଼ା ବ୍ଲକର ସ୍ଥାନୀୟ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପାଲୁପାଇ ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଲୁଣ୍ଡି ଏସଏସଡି ଉଚ୍ଚ ବିଦ୍ୟାଳୟ, ଗୁମୁଡା ଜଗନ୍ନାଥ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜେନ୍ଦ୍ରି ଏସ ଏସ ଡି ଉଚ୍ଚ ବିଦ୍ୟାଳୟ, ଗୁଲୁମୁଣ୍ଡା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସହିତ ସମସ୍ତ ଆଶ୍ରମ ବିଦ୍ୟାଳୟ, ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ସ୍ୱୟଂସହାୟତା ଗୋଷ୍ଠୀ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡିକରେ ସଚେତନତା ରାଲି ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ସାମାଜିକ ସଂସ୍ଥାମାନଙ୍କ ପକ୍ଷରୁ ସଚେତନତା ସଭା, ରାଲି, ଆଲୋଚନାଚକ୍ର ଏବଂ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ବେଟି ବଞ୍ଚାଓ, ବେଟି ପଢାଓ, କନ୍ୟା ସମାନ ଅଧିକାର ପରି ସନ୍ଦେଶ ନେଇ ଅଂଶଗ୍ରହୀମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତାମାନେ କନ୍ୟାସନ୍ତାନ ଦେଶ ଓ ସମାଜର ମୂଲ୍ୟବାନ ସମ୍ପଦ। ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାରେ ସମାନ ସୁଯୋଗ ମିଳିଲେ କନ୍ୟାମାନେ ସମାଜ ଗଢ଼ିବାରେ ଅଗ୍ରଣୀ ଭୂମିକା ନେଇପାରିବେ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଶେଷରେ କନ୍ୟାସନ୍ତାନଙ୍କ ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

# ଏନ୍‌ସିସି କ୍ୟାଡେଟ୍‌ଙ୍କ ସାଇକଲ ଶୋଭାଯାତ୍ରା



ଜୟପୁର, ୨୫ ।୧(ସମିସ): ଚଳିତବର୍ଷ ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜୟପୁର ସ୍ଥିତ ଏନସିସି ୧୫ ତମ ଓଡ଼ିଶା ବାଟାଲିୟନର ଏନସିସି ଛାତ୍ରମାନଙ୍କ ଦ୍ୱାରା ଏକ ସାଇକଲ ଶୋଭାଯାତ୍ରା ଆଜି ସକାଳେ ଅନୁଷ୍ଠିତ ହୋଇଥିଲା। ଦେଶପ୍ରେମ ଏବଂ ସାମାଜିକ ସଚେତନତାର ବାର୍ତ୍ତା ନେଇ ଆୟୋଜିତ ଏହି ରାଲି ସହରର ବାରିଣିପୁଟ ନିକଟର ଶୁଭାରମ୍ଭ ହୋଇ ୨୬ ନମ୍ବର ଜାତୀୟ ରାଜପଥ, ଗାନ୍ଧୀଛକ, ଢେପଗୁଡା, ଶ୍ରମ କାର୍ଯ୍ୟାଳୟ ଛକ ଟ୍ରାଫିକ ଛକ ରାସ୍ତା ଦେଇ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ପହଞ୍ଚିଥିଲା। ଏହି ରାଲିକୁ ମୁଖ୍ୟଅତିଥି କମାଣ୍ଡି ଅଧିକାରୀ ଭାବେ ଲେଫଟନାଣ୍ଟ କର୍ଣ୍ଣେଲ ପ୍ରୀତି ରଞ୍ଜନ ଦାସ, କ୍ୟାପଟେନ ଡ. ଲକ୍ଷ୍ମଣ ପାତ୍ର, ଡ. ସିଦ୍ଧାର୍ଥ ନାୟକ, ସୁବେଦାର ପ୍ରବୀଣ କୁମାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସାଇକଲ ଶୋଭାଯାତ୍ରାରେ ଦେଶର ଜନସାଧାରଣଙ୍କୁ ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ବାର୍ତ୍ତା ଦିଆଯାଇଥିଲା। ସାଇକଲ ରାଲି ମାଧ୍ୟମରେ ପରିବେଶ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନ ପାଇଁ ମଧ୍ୟ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଏନ୍‌ସିସି ଅଧିକାରୀ କ୍ୟାପଟେନ ଡ. ପାତ୍ର, ପ୍ରକାଶ ବିଦ୍ୟାଳୟ ରାଜେନ୍ଦ୍ର ସାହୁ , ପୁରାତନ ଏନ୍‌ସିସି ଛାତ୍ର ନିଶାନ ପଟ୍ଟନାୟକ ଓ ସମସ୍ତ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଗୁଡାରି,୨୫।୧(ସମିସ):ରବିବାରଗୁଡାରିନୂତନଥାନାଅଧିକାରୀଭାବେବିଶ୍ୱବନ୍ଦିନୀବାଗ୍‌ଦାୟିତ୍ୱଗ୍ରହଣକରିଛନ୍ତି। ପୂର୍ବରୁ ସେ ଟିକିରି ଥାନା ଅଧିକାରୀ ଥିଲେ। ଗୁଡାରି ଥାନାଧିକାରୀ ସମର୍ପିତା ସ୍ୱାଇଁ, ଗୁମୁଡ଼ା ଫାଣ୍ଡି ଏସ୍‌ଆଇ ରବିନ୍ଦ୍ର ରାୟ, ଗୁଡାରୀ ଥାନା ଏସ୍‌ଆଇ ଏମ୍ ଶ୍ୟାମସୁନ୍ଦରଙ୍କ ସମେତ ସମସ୍ତ କାର୍ଯ୍ୟରତ କର୍ମଚାରି ହୋମଗାର୍ଡ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀମତି ବାଗ୍ ବ୍ଲକର ସାଧାରଣ ଲୋକ ସୁରକ୍ଷିତ ରଖିବା ମୋର ପ୍ରଥମ କର୍ତ୍ତବ୍ୟ ବୋଲି କହିବା ସହ ସହରର ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

# ‘ଏଜୁକେସନ୍ ଫର୍ ଅଲ୍’ ମିନି ମାରାଥନ୍




ରାୟଗଡ଼ା,୨୫।୧(ସମିସ): ‘ସମସ୍ତଙ୍କ ପାଇଁ ଶିକ୍ଷା’ର ବାର୍ତ୍ତା ନେଇ ରାୟଗଡ଼ା ଜିଲ୍ଲାରେ କିସ ଓ କିଟ ପକ୍ଷରୁ ଅଷ୍ଟମ ବାର୍ଷିକ ‘ଏଜୁକେସନ୍ ଫର୍ ଅଲ୍’ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲା ସଦର ବ୍ଲକ କୁଲି ଗ୍ରାମ ପଞ୍ଚାୟତଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଏହି ମାରାଥନ ଦୌଡ଼ରେ କୁଲି, ବଡ ଆଲୁବାଡି, ପିପିଲିଗୁଡା, ବାଇଶିଂ ଓ ଦଙ୍ଗଲୋଡ଼ି ପଞ୍ଚାୟତର ବହୁ ସଂଖ୍ୟାରେ ଯୁବପିଢି ଅଂଶ ଗ୍ରହଣ କରିଥିଲେ। କୁଲି ନିକଟସ୍ଥ ଦେବୀ ମନ୍ଦିର ଛକରୁ ବାହାରି କୁଲି ଶିଶୁ ଉଦ୍ୟାନ ପର୍ଯ୍ୟନ୍ତ ଏହି ମିନି ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ମାରାଥନକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମିନି ମାରାଥନ ପରେ କୁଲି ଶିଶୁ ଉଦ୍ୟାନ ପରିସରରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, କଳିଙ୍ଗ ଟିଭି ରାୟଗଡ଼ା ବ୍ୟୁରୋ ହେଡ୍ ଅମୁଲ୍ୟ ରତ୍ନ ସାହୁ ,କିସ ଜିଲ୍ଲା ସଭାପତି ମାଝି ପିଡିକାକା, ବିଶିଷ୍ଟ ସମାଜସେବୀ ଘାସିରାମ ସାମୁଡିକା, କୁଲି ଗ୍ରାମ ପଞ୍ଚାୟତ ସରପଞ୍ଚ ମୋହନ ତାଡିଙ୍ଗି ପ୍ରମୁଖ ଯୋଗଦେଇ ଶିକ୍ଷାର ପ୍ରସାର ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ କିସ ଓ କିଟର ଜିଲ୍ଲା ସଂଯୋଜକ ରୋନିତ ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ ପରିଚାଳିତ ହୋଇଥିଲା। ଶିକ୍ଷା କ୍ଷେତ୍ରରେ କିସ ଓ କିଟ୍‌ର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚରେ ଉପସ୍ଥିତ ଅତିଥିମାନଙ୍କୁ ଉପଢୌକନ ଓ ଫଳକ ଦେଇ ସମ୍ମାନିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ

# ଶୋଭାଯାତ୍ରା, ନୂତନ ଭୋଟରଙ୍କୁ ପରିଚୟ ପତ୍ର ବଣ୍ଟନ




ରାୟଗଡା,୨୫।୧(ସମିସ): ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଷୋଡ଼ଷ ଜିଲ୍ଲା ସ୍ତରୀୟ ମତଦାତା ଦିବସ ପାଳିତ ହୋଇଛି। ସକାଳ ଆଠ ଘଟିକା ସମୟରେ ଏକ ବିରାଟ ସଚେତନତା ଶୋଭାଯାତ୍ରା ବ୍ଲକ ଛକରୁ ବାହାରି ସହର ପରିକ୍ରମା ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ପହଞ୍ଚିଥିଲା। ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ରମେଶ କୁମାର ଜେନା, ଜିଲ୍ଲା ନିର୍ବାଚନ ବିଭାଗର ଡ଼େପୁଟି କଲେକ୍ଟର ମାନଭେଲା ପ୍ରିୟଦର୍ଶନୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଏବିଡିଓ କାଳୁ ଚରଣ ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ପ୍ରମୂଖ ଉପସ୍ଥିତିରେ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶହେ ମିଟର ଲମ୍ବର ବହୁଭାଷୀ ବ୍ୟାନର ଶୋଭାଯାତ୍ରାର ବିଶେଷ ଆକର୍ଷଣ ଥିଲା। ବଶୋଭାଯାତ୍ରାରେ ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାୟଗଡ଼ା ମହାବିଦ୍ୟାଳୟ, ସେଞ୍ଚୁରିୟାନ୍ ବିଶ୍ୱବିଦ୍ୟାଳୟ, ଶ୍ରୀଉଗ୍ରତାରା ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ଜିଷ୍ଟ , ଜିଆଇଏସିଆର ଆଦି କଲେଜର ଛାତ୍ର ଛାତ୍ରୀ , ଜିଲ୍ଲାପାଳ, ଉପଜିଲ୍ଲାପାଳ, ବ୍ଲକ, ତହସିଲ କାର୍ଯ୍ୟାଳୟ ସହ ଜଙ୍ଗଲ, ନେହେରୁ ଯୁବ କେନ୍ଦ୍ର ଓ ଅନ୍ୟାନ୍ୟ ସମସ୍ତ ସରକାରୀ ଓ ବେସରକାରୀ ବିଭାଗର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ସେଲଫି ପଏଣ୍ଟରେ ସଭିଏଁ ନିଜ ଫଟୋ ଉତ୍ତୋଳନ କରି ଆନନ୍ଦ ଉଠାଇଥିଲେ। ଏହି ଅବସରରେ ଦସ୍ତଖତ ଅଭିଯାନର ଆୟୋଜନ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗୀତାର ଚିତ୍ର ଗୁଡିକୁ ନେଇ ଫଟୋ ଗ୍ୟାଲେରି ଲୋକାର୍ପଣ କରାଯାଇଥିଲା। ଦିବା ଦଶ ଘଟିକା ସମୟରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ମଞ୍ଚରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରମେଶ ଜେନା, ଜିଲ୍ଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମାନଭେଲା ପ୍ରିୟଦର୍ଶନୀ, ରୂପାଲି ପାତ୍ର ଓ ସିଦ୍ଧାର୍ଥ ଆନନ୍ଦ ପଣ୍ଡା, ସହକାରୀ ଜିଲ୍ଲାପାଳ କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ କୁମାର ବେହେରା ଓ ବିଚିତ୍ରା ସେଠୀ ମଞ୍ଚାସୀନ ଥିଲେ। ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ମତଦାତା ସଂକଳ୍ପ ପାଠ କରାଯାଇଥିଲା। ଜିଲ୍ଲାର ପ୍ରତି ବ୍ଲକ ରୁ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ ପାଇଁ ବିଏଲଓ ଓ ସୁପରଭାଇଜରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁଣପୁର ନିର୍ବାଚନ ମଣ୍ଡଳୀରୁ ଭାସ୍କର ପଣ୍ଡା, ପଦ୍ମାବତୀ ପଢ଼ିହାରୀ, ସଞ୍ଜନୀତା ଶବର, ବିଷମକଟକ ନିର୍ବାଚନମଣ୍ଡଳୀରୁ ଉଦୟ ଚନ୍ଦ୍ର ଲାବଲା, ସୁରେନ୍ଦ୍ର କଣ୍ଡାଗରି ଓ ସୁରେଶ ପୁଆଲା ଏବଂ ରାୟଗଡ଼ା ନିର୍ବାଚନ ମଣ୍ଡଳୀରୁ ପ୍ରମୋଦ କୁମାର ମାର୍ଥା, ବାସୁଦେବ ବେହେରା ଓ ସସ୍ମିତା ମିଶ୍ର ଉତ୍ତମ ବିଏଲଓ ରୂପେ ସମ୍ମାନିତ ହୋଇଥିଲେ। ଉତ୍ତମ ସୁପରଭାଇଜର ରୂପେ ଗୁଣପୁରରୁ ଶିବ ପ୍ରସାଦ ମହାପାତ୍ର, ନିରାକାର ସାହୁ, ନୀଳାମ୍ବର ସେଠୀ , ବିଷମକଟକ ରୁ ଆନନ୍ଦ ଚନ୍ଦ୍ର ଜେନା, ଶତାମ୍ବର ପ୍ରଧାନୀ ଓ ରାୟଗଡ଼ାରୁ ଗଙ୍ଗାରାଜୁ ପ୍ରାସାଦ ବ୍ରହ୍ମା, ଲିପ୍ତ କେଶରୀ ବେହେରା, ଏବିଇଓ ଛବିଲାଲ ସିଂଙ୍କୁ ସମ୍ମାନିତ କରାଯାଇଥିଲା। ପୃଥିବୀର ସର୍ବବୃହତ୍ତ ଗଣତନ୍ତ୍ର ରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହ ଅବାଧ, ନିରପେକ୍ଷ ନିର୍ବାଚନ ନିମନ୍ତେ ଶତ ପ୍ରତିଶତ ଯୋଗ୍ୟ ଭୋଟରଙ୍କ ପଞ୍ଜୀକରଣ ସହ ନିର୍ବାଚନରେ ଅଂଶ ଗ୍ରହଣର ଆବଶ୍ୟକତା ବିଷୟରେ ଅତିଥି ବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ସେହିପରି ପ୍ରତି ବୁଥ ସ୍ତରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଭୋଟରଙ୍କୁ ସଂକଳ୍ପ ପାଠ କରାଇବା ସହ ଯୁବ ଓ ନୂତନ ଭୋଟର ଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡେପୁଟି କଲେକ୍ଟର ରୂପାଲି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମାନଭେଲା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଭାରତୀ ଜେନା, ଭରତ ଶଗଡିଆ, ଚନ୍ଦ୍ର ଶେଖର ରଥ ଏମ ମଣିକଣ୍ଠା, ନରେଶ ସିଂ ସମେତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ କୋଟିଆ ଗସ୍ତ

# ‘କୋଟିଆ ଓଡ଼ିଶାର, ଓଡ଼ିଶାର ଅବିଚ୍ଛିନ୍ନ ହୋଇ ରହିବ’



➤ ୨୦୨୮ ଜାନୁଆରୀ ସୁଦ୍ଧା ସମସ୍ତ ଗ୍ରାମରେ ହାଇ ଭୋଲ୍ଟେଜ କରେଣ୍ଟ
➤ ଷ୍ଟବେରୀ, ହଳଦୀକୁ ଜିଓ ଟ୍ୟାଗ୍ କରି ବିଦେଶକୁ ରପ୍ତାନୀ କରାଯିବ

ପଟ୍ଟାଙ୍ଗି,୨୫।୧(ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆକୁ ରବିବାର ଗସ୍ତ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ଏହି ଅବସରରେ କୋଟିଆ ପୂର୍ବରୁ ଓଡ଼ିଶାର ଅଛି ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ଅବିଚ୍ଛିନ୍ନ ହୋଇରହିବ ବୋଲି କହିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି ଉକ୍ତି ପରେ କୋଟିଆକୁ ନେଇ ଲାଗି ରହିଥିବା ଦୀର୍ଘ ଦିନର ବିବାଦ ଥମିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ଉଜ୍ଜ୍ୱଳ ହୋଇଥିବା ନେଇ ଆଲୋଚନା ହେଉଛି। ଉପମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ କୋଟିଆରେ ବିଭିନ୍ନ ସ୍ଥାନ ତଥା ଷ୍ଟବେରି ଚାଷ, ଫାର୍ମ ପୋଖରୀ ଏବଂ କୋଟିଆରେ ଆୟୋଜନ ହୋଇଥିବା କାର୍ଯ୍ୟକ୍ରମରେ ୩୩/୧୧ କେଭି ସବଷ୍ଟେସନ ଉଦ୍‌ଘାଟନ କରିବା ସହ ଚାଷୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଛନ୍ତି। ସେ ବରାବନ୍ଧ ଗ୍ରାମକୁ ପ୍ରଥମେ ଗସ୍ତ କରି ସେଠାରେ ଦାମାନି ପାଙ୍ଗି ଏବଂ ଅନ୍ୟ ଚାଷୀଙ୍କ ଦ୍ୱାରା କରାଯାଇଥିବା ଷ୍ଟବେରି ଚାଷକୁ ଦେଖିଥିଲେ। ଉପସ୍ଥିତ ମହିଳା ଚାଷୀଙ୍କ ସହ ଆଲୋଚନା କରିବା ସହ ବିନାସାରରେ ଚାଷ କରାଯାଇଥିବା ଷ୍ଟବେରୀ ଖାଇ ପ୍ରଶଂସା କରିଥିଲେ। ସେଠାରୁ ଟାଉପଦର ଗ୍ରାମରେ ପହଞ୍ଚି କୃଷକ ମାଲ୍ଲି ପାଙ୍ଗିର ଫାର୍ମ ପୋଖରୀ, କୃଷକ ବାଙ୍ଗୁରୁ ପାଙ୍ଗିର କଫି ଛାଇ ବୃକ୍ଷରୋପଣ ଏବଂ କୃଷକ ବେଟୁରୁ ପାଙ୍ଗିର ଆଇଏଫଏସ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହାପରେ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜନ କରାଯାଇଥିବା କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିଲେ। ସେଠାରେ ଉପସ୍ଥିତ ଅତିଥି ବୃନ୍ଦ ତଥା କୋରାପୁଟ ବିଧାୟକ ରଘୁରାମ ମାଛ, ଓପିଡିସିଏଲ୍ ଚେୟାର ମ୍ୟାନ ଭାସ୍କର ଜ୍ୟୋତି ଶର୍ମା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସିଡ଼ିଓ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମାଲାଲ ହିଆଲ, ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି ମଞ୍ଚାସୀନ ଥିଲେ। ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ନିଜ କର କମଳରେ ୩୩/୧୧ କେଭି ବିଦ୍ୟୁତ ଉପକେନ୍ଦ୍ରର ଭିତ୍ତି ପ୍ରସ୍ତରକୁ ଉଦ୍‌ଘାଟନ କରିଥିଲେ। ୧୦ ଗୋଟି ଚାଷୀ ଙ୍କୁ ବିହନ ଓ ଟ୍ରେ, ଜାନିଗୁଡ଼ା ୧୦ ହେକ୍ଟର ଜମିରେ ମିଶ୍ରିତ ଛାୟା ବୃକ୍ଷରୋପଣ ନିମନ୍ତେ ୧୩ ଗୋଟି ଚାଷୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଏହି ଅବସରରେ ବିଦ୍ୟୁତ ସବଷ୍ଟେସନ୍ ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୮ ଜାନୁଆରୀ ସୁଦ୍ଧା ଶେଷ ହେବା ସହ କୋଟିଆର ସମସ୍ତ ଗ୍ରାମବାସୀଙ୍କୁ ହାଇ ଭୋଲ୍ଟେଜ୍ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସିବା ସମୟରେ କୋରାପୁଟରେ ଉତ୍ପାଦନ ହେଉଥିବା ଷ୍ଟବେରୀ, ହଳଦୀ ଏବଂ ଅନ୍ୟ ଚାଷ ଗୁଡ଼ିକୁ ଦେଖିଥିଲି। କୋରାପୁଟ କଫି ଭଳି ଅନ୍ୟ କୋରାପୁଟ ଉତ୍ପାଦନ ସାମଗ୍ରୀ ଗୁଡ଼ିକୁ ଜିଓ ଟ୍ୟାଗ କରି ବିଦେଶକୁ ରପ୍ତାନୀ କରାଯିବାର ବ୍ୟବସ୍ଥା କରାଯିବ। ସ୍ଥାନୀୟ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଉପସ୍ଥିତ ରହି ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ସଫଳତାରେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମକୁ ଜିପିଓ ଦାୟିତ୍ୱରେ ଥିବା ନାମିତ ନାୟକ, ଅତିରିକ୍ତ କୃଷି ଅଧିକାରୀ ଲେନିନ ଶବର, ଓଭରସର ସତୀଶ ଭଞ୍ଜ, ମୃତ୍ତିକା ବିଭାଗର ବିଶ୍ୱନାଥ ପ୍ରଧାନ, ଏଡିଏଚ ପୁରୁଞ୍ଜୟ ପାଣିଗ୍ରାହୀ,ଏପିସି ପ୍ରୋଗ୍ରାମ ମ୍ୟାନେଜର ମୋହନ ଜାନି, ଏପିସି କୋଡ଼ିନେଟର ବିଶ୍ୱନାଥ ତାଡିଙ୍ଗି, ଏପିସି କର୍ମଚାରୀ ପ୍ରଶାନ୍ତ ପାଙ୍ଗି, ଉଦ୍ୟାନ କୃଷି ଅଧିକାରୀ ରାଣୀ ପ୍ରିୟ ସାହୁ, ଉଦ୍ୟାନ କୃଷି କ୍ଷେତ୍ର କର୍ମଚାରୀ ମନୋରଞ୍ଜନ ନାୟକ, ଏପିଓ ସୌମେନ୍ଦ୍ର ନାୟକ, ଡବ୍ଲ୍ୟୁଇଓ ଅନିଲ କୁମାର ସେଠି ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଜେପି ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

ନନ୍ଦପୁର,୨୫।୧(ସମିସ): ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ନନ୍ଦପୁର ବ୍ଲକ୍ ବିଜେପି ଦଳୀୟ କର୍ମୀ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନନ୍ଦପୁର ବ୍ଲକର ବରିଷ୍ଠ ବିଜେପି ନେତା ସରଜକୁମାର ମିଶ୍ରଙ୍କ ସହ କୋରାପୁଟ ଜିଲ୍ଲା ସାଧାରଣ



ସମ୍ପାଦକ ଚୈତନ୍ୟ ହନ୍ତାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଭୋଇ, ନନ୍ଦପୁର ମଣ୍ଡଳ ସମ୍ପାଦକ କପିଲ ଦାସଙ୍କ ନେତୃତ୍ୱରେ ଯୁବ ନେତା ସିମାଞ୍ଚଳ ଖିଲ, ବରିଷ୍ଠ ନେତା ଧନୁର୍ଜୟ ମୁଦୁଲି ବରିଷ୍ଠ ନେତା ସେକ ଗୋଫୁର ଝିନୁ କ୍ରିସାନି, ମଧୁସୁଦନ ଦୋରା, ଗୋବିନ୍ଦ ଖିଲ, ଗୁରୁ ଗୋଲରି, ରିନା ମଲ୍ଲିକ, ଚନ୍ଦ୍ର ଖେମୁଣ୍ଡୁ, କୃଷ୍ଣ ଖରା, ଲଳିତ ପଣସପୂଟିଆ, ସୁରେଶ୍ ଦଙ୍ଗାୟତ୍, ବିଜୟ ମୁଦୁଲି, କଣ୍ଡା ଦୋରା, ମୋହନ ବୈରାଗୀ , ମାଧବ ମୁଦୁଲି, ଅନାମ ମାଝୀ, ଭଗବାନ ସୀସା, ବିଜୟ ନାୟକ, ଗୁରୁ ଗୋଲରି, ମନ ହନ୍ତାଳ, କୁନି ଖିଲ ସମେତ ବହୁ ଯୁବ ଓ ବରିଷ୍ଠ ଦଳୀୟ କର୍ମୀ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଲମତାପୁଟ ବ୍ଲକରୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଫେରିବା ସମୟରେ ନନ୍ଦପୁର ଆମ୍ବେଦକର ଛକଠାରେ ନନ୍ଦପୁର ବ୍ଲକର ଶତାଧିକ ଦଳୀୟ କର୍ମୀ ସ୍ୱାଗତ ଜଣାଇଥିଲେ।

## ଗୋ-ଚାଲାଣ ବେଳେ ୮ ଗାଈ ଜବତ

ଜୟପୁର,୨୫ ।୧(ସମିସ): ଜୟପୁର ହିନ୍ଦୁ ସମାଜ ପକ୍ଷରୁ ଚଢ଼ଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବେଆଇନ ଭାବେ ଚାଲାଣ କରାଯାଉଥିବା ୮ ଗାଈକୁ ଉଦ୍ଧାର କରାଯାଇଛି। ସମସ୍ତ ଗାଈକୁ ସ୍ଥାନୀୟ ପାଲିଗୁଡା ଗୋଶାଳାରେ ରଖାଯାଇଥିବା ବେଳେ ଗାଡ଼ିକୁ ପୁଲିସକୁ ହସ୍ତାନ୍ତର କରାଯାଇଛି। କୋରାପୁଟକୁ ଭ୍ୟାନ ଯୋଗେ ୮ଟି ଗୋରୁ ଚାଲାଣ ବେଳେ ସ୍ଥାନୀୟ ବାରିଣିପୁଟ ଗ୍ରାମରେ ହିନ୍ଦୁ ସମାଜର କର୍ମକର୍ତ୍ତା ଅଟକାଇ ଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ସେମିଳିଗୁଡ଼ା ପରିଦର୍ଶନ



ସେମିଳିଗୁଡ଼ା,୨୫।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକକୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରବିବାର ପରିଦର୍ଶନ କରିଛନ୍ତି। ବ୍ଲକର ରାଜପୁଟରେ ଥିବା ଅତ୍ୟାଧୁନିକ ମିଲ୍ଲେଟ ପ୍ରୋସିଂ ୟୁନିଟକୁ ବୁଲି ଦେଖି ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମିଲ୍ଲେଟ ପ୍ରୋସେସିଂ ୟୁନିଟ ପରିସରରେ ଉପମୁଖ୍ୟମନ୍ତ୍ରୀ ବୃକ୍ଷ ରୋପଣ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ଶବର, ସେମିଳିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ, ନେତା ସୁମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟନଗର ଛକକୁ ବାଜପେୟୀଙ୍କ ନାମରେ ନାମିତ ଦାବି

ଜୟପୁର,୨୫ ।୧(ସମିସ): ଜୟପୁର ସହରର ଜୟନଗର ଛକକୁ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ନାମରେ ନାମିତ କରାଯିବାକୁ ଦାବି ହୋଇଛି। ସ୍ଥାନୀୟ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଛକ ଠାରୁ ଜୟନଗର ଯିବା ରାସ୍ତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପାପେୟୀଙ୍କ ନାମରେ ନାମିତ କରିବାକୁ ବିଜେପି ପକ୍ଷରୁ ଦାବି କରାଯାଇଛି। ବିଜେପି ନେତା ମାନେ ଉପଜିଲ୍ଲାପାଳଙ୍କୁ ଭେଟି ଏନେଇ ଦାବି କରିଛନ୍ତି। ଜୟପୁର ସହରରେ ବିଭିନ୍ନ ରାସ୍ତା ନେତାଜୀ, ଗାନ୍ଧୀ, ଶାସ୍ତ୍ରୀ, ଶର୍ଦ୍ଦାର ବଲ୍ଲଭଭାଇ ପଟେଲ ଭଳି ସମସ୍ତ ବୀର ପୁରୁଷଙ୍କ ନାମରେ ନାମିତ କରାଯାଇଥିଲେ ହେଁ ଅଟଳ ବିହାରୀଙ୍କ ନାମରେ କୌଣସି ରାସ୍ତାକୁ ନାମିତ କରାଯାଇ ନାହିଁ। ସ୍ୱର୍ଗତ ଅଟଳଜୀ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ରାସ୍ତା ଘାଟ ନିର୍ମାଣ ନିମନ୍ତେ ଅନେକ ଯୋଜନା କରି ପ୍ରତ୍ୟେକ କୋଣ ଅନୁକୋଣକୁ ରାସ୍ତା ସଂଯୋଗ କରିଥିଲେ। ତେଣୁ ତାଙ୍କ ନାମରେ ଜୟନଗର ଛକ ଓ ରାସ୍ତାକୁ ବାଜପେୟୀଙ୍କ ନାମରେ ନାମିତ କରାଯାଉ ବୋଲି ବଜେପି କର୍ମୀମାନେ ଦାବି କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ପୋଡ଼ାଗଡ,୨୫।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ପୁଞ୍ଜିସିଲ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ ରାସ୍ତାର ତେନ୍ତୁଳିଗୁଡା ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶ ରୁ କୋରାପୁଟ କୁ ଆସି ଦୁଇ ଯୁବକ କୋରାପୁଟରୁ ବାଇକ୍ ରେଣ୍ଟରେ ନେଇ ପୁଞ୍ଜିସିଲ ବୁଲିବାକୁ ଯାଉଥିବା ସମୟରେ ତେନ୍ତୁଳିଗୁଡା ନିକଟରେ ଆମ୍ବୁଲାନ୍ସକୁ ସାଇଡି ଦେବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ବାଇକ୍ ଖସିଯାଇଥିଲା। ଫଳରେ ବାଇକ୍ ଆରହି ଦୁଇ ଜଣ ପଡ଼ି ଯାଇଥିଲେ। ବାଇକ୍ ଚାଳକ ଗୁରୁତର ହାଇପଡ଼ିଥିବା ବେଳେ ପଛରେ ବସିଥିବା ଯୁବକଟି ସାମାନ୍ୟ ଆହତ ହୋଇଥିଲେ। ଗୁରୁତରଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ଅଧିକ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟ ସାମାନ୍ୟ ଆହତ ଯୁବକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଥିବା ଜଣାପଡ଼ିଛି।

## ଗ୍ରୀଡ୍ ସବ୍‌ଷ୍ଟେସନ ଉଦ୍‌ଘାଟିତ

ଲମତାପୁଟ,୨୫।୧(ସମିସ): ଓଡିଶା ପ୍ରଦେଶ ଉପ ମୁଖ୍ୟମନ୍ତ୍ରୀ କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ କରକମଳରେ ଏବଂ କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ସତ୍ୟବାନ ମହାଜନ, କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକାରୀ ରୋହିତ ବର୍ମା,ମାଛକୁଣ୍ଡ ତହସିଲଦାର ଦିବାକର ବାଘ,ବିଡ଼ିଓ ଜୟନ୍ତ କୁମାର ମେହେର, ସିଏମଡି ଭାସ୍କର ଜ୍ୟୋତି ଶର୍ମା, ବ୍ରହ୍ମପୁର ବିଭାଗ ଜେନେରାଲ ମ୍ୟାନେଜର ସୌନ୍ଦର୍ଯ୍ୟ କୁମାର ପଟ୍ଟନାୟକ, ଡିଜିଏମ୍ ମନୋଜ କୁମାର ଲମୟା, ଏଜିଏମ୍ ସୌମ୍ୟ ରଞ୍ଜନ ସେନାପତି, ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଙ୍ଗିଙ୍କ ଉପସ୍ଥିତିରେ ଆଜି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ତୁଷୁବା ପଞ୍ଚାୟତର ଲୁଗୁମ ଗ୍ରାମ ନିକଟରେ ୧୩୨/୩୩ କେଭି ଗ୍ରୀଡ୍ ସବ-ଷ୍ଟେସନ ଉଦଘାଟିତ ହୋଇଯାଇଛି। ଏହି ସବଷ୍ଟେସନଟି ୧.୫ ଏକର ଜାଗା ଉପରେ ନିର୍ମାଣ ହୋଇଛି।ଏହି ଅଞ୍ଚଳରେ ସବୁବେଳେ ବିଦ୍ୟୁତ ସମସ୍ୟା ଲାଗିରହୁଥିଲା। ବର୍ତ୍ତମାନ ଏହି ସମସ୍ୟା ଦୂର ହେବ ବୋଲି ମତ ପ୍ରକାଶ ପାଇଛି।

## ହୀରାଖଣ୍ଡରୁ ଗଞ୍ଜେଇ ଜବତ; ଜଣେ ଗିରଫ

କୋରାପୁଟ,୨୫।୧(ସମିସ): ଜଗଦଲପୁର ଠାରୁ ଭୁବନେଶ୍ୱର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରୁ କୋରାପୁଟ ଜିଆରପି ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୧ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଗିରଫ ଯୁବକ ଜଣକ ବ୍ରହ୍ମପୁରର ଶଙ୍କର ବିଶ୍ୱାଳ ବୋଲି ଜଣାପଡ଼ିଛି। ଜିଆରପି ପୁଲିସ ୪ ନମ୍ବର ପ୍ଲାଟଫର୍ମରେ ପେଟ୍ରୋଲିଂ କରୁଥିବା ସମୟରେ ଜଗଦଲପୁର ଠାରୁ ଭୁବନେଶ୍ୱର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ପହଞ୍ଚି ଥିଲା। ରେଳବାଇ ପୁଲିସ ଟିମ ଟ୍ରେନରେ ସନ୍ଦେହ ଜନକ ସ୍ଥିତିରେ ଥିବା ଯାତ୍ରୀମାନଙ୍କ ବ୍ୟାଗ ଯାଞ୍ଚ କରିବା ବେଳେ ଶଙ୍କର ବିଶ୍ୱାଳର ବ୍ୟାଗରୁ ଗଞ୍ଜେଇ ମିଳିଥିଲା। ଶଙ୍କରକୁ ଗିରଫ କରିବା ସହ ଗଞ୍ଜେଇ ଓଜନ କରିବା ପରେ ତାହା ୧୧ କିଲୋ ୬୦୦ ଗ୍ରାମ ଥିବା ଜଣାପଡିଲା। ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶଙ୍କର ବିଶ୍ୱାଳକୁ କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

## ଲାଞ୍ଜିଗଡ଼ା-ଜେମାଦେଇପେଣ୍ଟ ଲାଇନ୍ ଯାଞ୍ଚ କଲେ ରେଳ ସୁରକ୍ଷା କମିଶନର



ରାୟଗଡା,୨୫।୧(ସମିସ): ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆରଏସ) ବ୍ରିଜେଶ କୁମାର ମିଶ୍ର ଲାଞ୍ଜିଗଡ଼ା -ଜେମାଦେଇପେଣ୍ଟ ଷ୍ଟେସନ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଛନ୍ତି। ପୂର୍ବତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ୭ .୮୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଲାଇନ ଟିଟଲାଗଡ଼-ବିଜୟନଗରମ୍ ତୃତୀୟ ଲାଇନ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଏକ ପ୍ରମୁଖ ସେତୁ ରହିଛି। ବୈଧାନିକ ଯାଞ୍ଚ ସଫଳତାର ସହ ସମାପ୍ତ ହେବା ସହ କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ଯାଞ୍ଚ ସଂପୂର୍ଣ୍ଣ ହୋଇଛି, ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି ବୋଲି ଜଣାପଡ଼ିଛି। ୱାଲଟିୟର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ଭୋରା, ସିଏଓ ଅଙ୍କୁଷ କୁମାର ଗୁପ୍ତା, ଇଡି ଆରଭିଏନଏଲ ଭିଆର ନାଇଡୁ, ମୁଖ୍ୟ ବ୍ରିଜ ଇଞ୍ଜିନିୟର ଅଶୋକ କୁମାର, ମୁଖ୍ୟ ସିଗନାଲ ଏବଂ ଟେଲିକମ ଇଞ୍ଜିନିୟର ପି ପଣ୍ଡା ଏବଂ ନିର୍ମାଣ ସଂଗଠନ, ରେଳ ବିକାଶ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ୱାଲଟିୟାର ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଯାଞ୍ଚରେ ଅଂଶଗ୍ରହଣ କରିଥିଲେ। ଏନେଇ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ କେ. ପବନ କୁମାର ସୂଚନା ଦେଇଛନ୍ତି।






